**ସଂକ୍ଷେପରେ**

## ହତ୍ୟା ଅଭିଯୋଗରେ ଯୁବକ ଗିରଫ

ନବରଙ୍ଗପୁର,୨୫।୨(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କୋଡିଗାଁ ଥାନା ଅଧୀନ କର୍ଣ୍ଣାମାଳ ଗ୍ରାମରେ ଜଣେ ୫ ବର୍ଷର ଶିଶୁକୁ ହତ୍ୟା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତ ହେଲେ ସନୁ ହରିଜନ। ସୂଚନାନୁଯାୟୀ, ୨୦ ତାରିଖ ସନ୍ଧ୍ୟା ୭ଟା ୩୦ରେ ପ୍ରକାଶ ହରିଜନଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଗାଁରେ ପଡ଼ିଥିବା ପରିବାର ଲୋକେ ଦେଖିଥିଲେ। ପ୍ରକାଶଙ୍କ ନାକରୁ ରକ୍ତ ବାହାରିବା ସହ ମୁଣ୍ଡ ଫାଟିଥିଲା ଏବଂ ଆଖି ଫୁଟିଯାଇଥିଲା। ଏ ନେଇ ପରିବାର ଲୋକେ କୋଡିଗାଁ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଓ ସାଇଣ୍ଟିଫିକ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏ ନେଇ କୋଡିଗାଁ ପୋଲିସ କେସ୍ ନଂ ୩୮/୨୪ରେ ଏକ ମାମଲା ରୁଜୁ କରିଥିଲା। ଥାନାଧିକାରୀ ଯୁଗଳ ଶବର ତଦନ୍ତ ଭାର ନେଇଥିଲେ।

## ବିଶ୍ୱକର୍ମା ବଢ଼େଇ ସଂଘ ବୈଠକ

ଜୟପୁର, ୨୫।୨(ପବନ ପାଣିଗ୍ରାହୀ)

ଶ୍ରୀ ଶ୍ରୀ ବିଶ୍ୱକର୍ମା ବଢ଼େଇ ସଂଘର ବୈଠକ ରବିବାର ଜୟପୁର ଶିତଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ସୁରେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବଢ଼େଇ ସଂଘ କାର୍ଯ୍ୟାଳୟ ବିକାଶ ପାଇ ୫ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରାଯାଇଥିଲା।

## ନୀଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, ୨୫।୨(ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅଧୀନ ନୀଳାଗୁଡା ଜଙ୍ଗଲରେ ଅବକାରୀ ଚଢ଼ାଉ ହୋଇଛି। ମଦ ମାଫିଆମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ଚଢ଼ାଉ କରାଯାଇଛି। ଚଢ଼ାଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବାବେଳେ ବିଭାଗ ବହୁ ମଦ ଭାଟି ଭଙ୍ଗାଯାଇଛି। ଘଟଣା ସ୍ଥଳରେ ୧୨ ଶହ ଲିଟର ପୋଚ ଓ ୫୦ ଲିଟର ଦେଶୀମଦ, ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରାଯାଇଥିବା ଜୟପୁର ଅବକାରୀ ନିରୀକ୍ଷକ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା, ଯୁବକ ଗିରଫ

ଜୟପୁର, ୨୫।୨(ପବନ ପାଣିଗ୍ରାହୀ)

ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା କରିବା ଅଭିଯୋଗରେ ଜୟପୁର ମହିଳା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ନନ୍ଦପୁର ପାଲିବାର ଲକ୍ଷ୍ମଣ ପାଙ୍ଗି। ପୋଲିସ ସୂଚନାନୁଯାୟୀ ଜଣେ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ପ୍ରତାରଣା କରିଥିବା ନେଇ ଜୟପୁର ମହିଳା ଥାନାରେ ଗତ ମେ ୨୦୨୩ ରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସେହି ଦିନରୁ ଅଭିଯୁକ୍ତ ଫେରାର ଥିଲେ। ପୋଲିସ ଖୋଜାଖୋଜି କରି ତାଙ୍କୁ ରବିବାର ଗିରଫ କରି କୋର୍ଟ ଚାଲାଣ କରିଥିବା ମହିଳା ଥାନାଧିକାରୀ ଅନିତା କୁଜୁର ସୂଚନା ଦେଇଛନ୍ତି।

# ରାଜ୍ୟପାଳଙ୍କ ଦିନିକିଆ ନବରଙ୍ଗପୁର ଗସ୍ତ

ପାପଡ଼ାହାଣ୍ଡି/ନବରଙ୍ଗପୁର, ୨୫।୨
(ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ପ୍ରହରାଜ)


ରାଜ୍ୟପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

ରାଜ୍ୟପାଳ ରଘୁବର ଦାସ ରବିବାର ଦିନିକିଆ ନବରଙ୍ଗପୁର ଜିଲା ଗସ୍ତ କରିଛନ୍ତି। ସେ ପାପଡ଼ାହାଣ୍ଡି ଓ ନବରଙ୍ଗପୁର ବ୍ଲକର ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ସହ ଆଲୋଚନା କରିଛନ୍ତି। ପାପଡ଼ାହାଣ୍ଡି ଗସ୍ତବେଳେ ମଇଦଲପୁରକୁ ବ୍ଲକ ମାନ୍ୟତା ଦେବାକୁ ଅଞ୍ଚଳବାସୀ ଦାବିପତ୍ର ଦେଇଛନ୍ତି। ନବରଙ୍ଗପୁର ଅନ୍ୱେଷା ହଷ୍ଟେଲ ଗସ୍ତବେଳେ ଦାରିଦ୍ର୍ୟ ଦୂର କରିବା ପାଇଁ ଶିକ୍ଷା ହିଁ ସବୁକିଛି ବୋଲି ସେ କହିଥିଲେ। ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାର ଘରଣୀ ମନ୍ଦିର ଯାଇ ସେଠାରେ ପୂଜାର୍ଚ୍ଚନା କରିଥିଲେ। ରାଜ୍ୟପାଳଙ୍କ ଏହି ଗସ୍ତବେଳେ ନବରଙ୍ଗପୁର ଜିଲାପାଳ ଡ. କମଳଲୋଚନ ମିଶ୍ର, ଏସ୍‌ପି ରୋହିତ ବର୍ମା ଓ ଏସ୍‌ଡିସି ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ସିଡିଏମ୍‌ଓ କାଳୀ ପ୍ରସାଦ ବେହେରା ଓ ଡିଆଇପିଆର୍‌ଓ ହଳଧର ନିଆଲଙ୍କ ସହ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ରାଜ୍ୟପାଳ ପ୍ରଥମେ ପାପଡ଼ାହାଣ୍ଡି ବ୍ଲକର ଶିରିଶି ପଞ୍ଚାୟତ ଗସ୍ତ କରିଥିଲେ। ସେଠାରେ ଥିବା ଶୀତଳ ଭଣ୍ଡାର କେନ୍ଦ୍ରରେ ୨୫୦ଜଣ ଚାଷୀ ଓ ଗ୍ରାମବାସୀଙ୍କ ସହ ବିଭିନ୍ନ ବିଷୟକୁ ନେଇ ଆଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀ କୃଷିନିଧି ଯୋଜନା, କିଷାନ କ୍ରେଡିଟ କାର୍ଡ ନେଇ ଲୋକଙ୍କୁ ପଚାରିଥିଲେ। ବାଲ୍ୟ ବିବାହ କିପରି ରୋକାଯାଇ ପାରିବ ସେ ନେଇ କହିଥିଲେ। ଅଞ୍ଚଳରେ ଜଳସେଚନର ସୁବିଧା ନ ଥିବାରୁ ରାଜ୍ୟପାଳ ଉଦ୍‌ବେଗ ପ୍ରକାଶ କରିଥିଲେ। ସାକ୍ଷରତା ହାର ବଢ଼ାଇବା ପାଇଁ ପିଲାମାନଙ୍କୁ ପଢାଇବାକୁ ପରାମର୍ଶ ଦେଇଥିଲେ। ସେଠାରୁ ରାଜ୍ୟପାଳ ତଣ୍ଡାଗୁଡା ଯାଇ ଟେରାକୋଟା ହସ୍ତଶିଳ୍ପ କାରିଗରଙ୍କ ସହ ଆଲୋଚନା କରିଥିଲେ। ଦଳେଇଗୁଡ଼ାର ଅଙ୍ଗନୱାଡି କେନ୍ଦ୍ରକୁ ଯାଇ ପୋଷଣ ଯୋଜନା ସଂକ୍ରାନ୍ତରେ ଅଭିଭାବକ ଓ କର୍ମୀଙ୍କ ସହ ଆଲୋଚନା କରିଥିଲେ। ଗର୍ଭବତୀ ମହିଳାମାନେ କିପରି ସରକାରୀ ସହାୟତା ପାଇବେ ସେ ନେଇ କହିଥିଲେ। ସେଠାରୁ ପ୍ରଧାନୀଗୁଡ଼ାକୁ ଯାଇ ବଟନ ଛତୁ ୟୁନିଟ ପରିଦର୍ଶନ ସହ ଡୁମାଗୁଡ଼ାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କ ଘର ବୁଲି ଦେଖିଥିଲେ। ସେମଳାରେ ମାତୃଶକ୍ତି ଉତ୍ପାଦକ ଉଦ୍ୟୋଗର ଶିଆଳି ପତ୍ରରେ ଖଲି ତିଆରି କରୁଥିବା ମହିଳାଙ୍କ ସହ ଆଲୋଚନା କରିଥିଲେ। ଖଲି ତିଆରି କରି ଲାଭବାନ ହେଉଥିବା ଏସ୍‌ଏଚ୍‌ଜି ମହିଳାମାନେ କହିଥିଲେ। ରାଜ୍ୟପାଳ ଅପରାହ୍ନରେ ନବରଙ୍ଗପୁର ଅନ୍ୱେଷା ହଷ୍ଟେଲକୁ ଯାଇଥିଲେ। ଅନ୍ୱେଷା ହଷ୍ଟେଲରେ ପହଞ୍ଚିବା ପରେ ବିଭିନ୍ନ ପାରମ୍ପାରିକ ବାଜା, ଗୀତ ଓ ନୃତ୍ୟ ରେ ରାଜ୍ୟପାଳଙ୍କୁ ସ୍ୱାଗତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ସହ ସେ ଭାବ ବିନିମୟ କରିଥିଲେ। ଛାତ୍ରୀଛାତ୍ରଙ୍କ ଉଦ୍ଦେଶ୍ୟରେ ଥିବା ସରକାରୀ ଯୋଜନା ସମ୍ପର୍କରେ ରାଜ୍ୟପାଳ ବୁଝାଇଥିଲେ। ଛାତ୍ରୀଛାତ୍ରଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଅତି ନମ୍ରତାର ସହିତ ଦେବାକୁ ପଡ଼ିବ ବୋଲି ରାଜ୍ୟପାଳ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ପିଲାମାନଙ୍କୁ ପୁରସ୍କାର ସ୍ୱରୂପ ୫୦ ହଜାର ଟଙ୍କା ସେ ପ୍ରଦାନ କରିଥିଲେ। ସେଠାରୁ ଗୁମାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଡାକ୍ତର, ଫାର୍ମାସିଷ୍ଟ, ନର୍ସ, ଆଶାକର୍ମୀଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟସେବା ସମ୍ପର୍କରେ ବୁଝିଥିଲେ। ପରେ କଳାହାଣ୍ଡି ଜିଲା ଗସ୍ତ କରିଥିଲେ।

# ଇଥାନଲ ପ୍ଲାଣ୍ଟ ସ୍ଥାପନ କରାଇ ବେକାରି ସମସ୍ୟା ଦୂର ଦାବି

ନବରଙ୍ଗପୁର,୨୫।୨(ସଦାଶିବ ପ୍ରହରାଜ)

**ରାଜ୍ୟପାଳଙ୍କୁ ଉମରକୋଟ ବିଧାୟକଙ୍କ ଦାବିପତ୍ର**

ରାଜ୍ୟପାଳ ରଘୁବର ଦାସଙ୍କ ନବରଙ୍ଗପୁର ଗସ୍ତ ସମୟରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଦାବିପତ୍ର ପ୍ରଦାନ କରିଛନ୍ତି। ଉମରକୋଟକୁ ଉପଖଣ୍ଡ ମାନ୍ୟତା ଘୋଷଣା କରିବାକୁ ଲୋକଙ୍କ ଦୀର୍ଘ ଦିନର ଦାବି ରହିଛି। ତାହାକୁ ପୂରଣ କରିବକୁ ଅନୁରୋଧ କରିଥିଲେ।

ମକା ଚାଷ ପାଇଁ ଉମରକୋଟ ନିର୍ବାଚନମଣ୍ଡଳୀ ସ୍ୱତନ୍ତ୍ର ପରିଚୟ ରହିଛି। କିନ୍ତୁ ବଜାର ଅଭାବ ହେତୁ, ମକା ଚାଷୀମାନେ ଏହାର ଉପଯୁକ୍ତ ମୂଲ୍ୟ ପାଇବାରେ ଅସମର୍ଥ। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉମରକୋଟ ଅଞ୍ଚଳରେ ଏକ ଇଥାନଲ ପ୍ଲାଣ୍ଟ ସ୍ଥାପନ ପାଇଁ ୫୦୦ କୋଟି ଆର୍ଥିକ ସହାୟତା ଘୋଷଣା କରିଥିଲେ। କିନ୍ତୁ ଏହି ପ୍ରକଳ୍ପ ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରିଲା ନାହିଁ। ପ୍ରକଳ୍ପ କାର୍ଯ୍ୟକାରୀ କରି ବକାରୀ ସମସ୍ୟା ଦୂର କରିବାକୁ ବିଧାୟକ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ବେକାରୀ ସମସ୍ୟା ଦୂର କରିବାକୁ ଜିଲାସ୍ତରୀୟ ନିଯୁକ୍ତି, ଓବିସି ଶ୍ରେଣୀୟ ଛାତ୍ରମାନଙ୍କ ପାଇଁ ହଷ୍ଟେଲରେ ରହିବା ବ୍ୟବସ୍ଥା କରିବାକୁ ଦାବି ହୋଇଛି। ନବରଙ୍ଗପୁର ଜିଲାର ଉମରକୋଟ ଉପରେ ରାଇଘର, ଉମରକୋଟ, ଝରିଗାଁ, ଚନ୍ଦାହାଣ୍ଡି ଏବଂ ଡାବୁଗାଁ ଅଞ୍ଚଳର ଲୋକେ ନିର୍ଭର କରନ୍ତି। ପ୍ରଶାସନିକ କାର୍ଯ୍ୟ ପାଇଁ ନବରଙ୍ଗପୁରକୁ ଯିବାକୁ ପଡୁଛି। ରାଇଘର ଏବଂ ଚନ୍ଦାହାଣ୍ଡି ବ୍ଲକରୁ ଏହା ୧୨୦ କିଲୋମିଟର ଦୂର। ଉମରକୋଟକୁ ଉପଖଣ୍ଡ ମାନ୍ୟତା ଘୋଷଣା କରିବାକୁ ଲୋକଙ୍କ ଦୀର୍ଘ ଦିନର ଦାବି ରହିଛି। ତାହାକୁ ପୂରଣ କରିବକୁ ଅନୁରୋଧ କରିଥିଲେ। ଉମରକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ଭଣ୍ଡାର, ସହର ମଧ୍ୟରେ ଭାରିଯାନ ଚଳାଚଳ ଅଟକାଇବାକୁ ଉମକୋଟରେ ବାଇପାସ୍ ରାସ୍ତା କରିବାକୁ ଦାବି ହୋଇଛି। ଦାବିପୂରଣ କରିବାକୁ ବିଧାୟକ ରାଜ୍ୟପାଳଙ୍କୁ ଅନୁରୋଧ କରିଛନ୍ତି।

# ଉମରକୋଟରେ ଭାଜପା–ବିଜେଡି ବାହାଘର


କଂଗ୍ରେସ ନେତାମାନେ ବିଜେଡି ଓ ଭାଜପାର ବାହାଘର କରୁଛନ୍ତି।

ଉମରକୋଟ, ୨୫।୨(ସନ୍ତୋଷ ଶତପଥୀ)

ନବରଙ୍ଗପୁର ଜିଲା ଉମରକୋଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ସନରାଜ ଗଣ୍ଡଙ୍କ ନେତୃତ୍ୱରେ ଭାଜପା ଓ ବିଜେଡି ବିବାହ କାର୍ଯ୍ୟକ୍ରମ ରବିବାର କରାଯାଇଛି। ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ନୀତି ଆଦର୍ଶକୁ ବିରୋଧ କରି କଂଗ୍ରେସ ନେତାମାନେ ବର୍ଷିଥିଲେ। ଯେତେସବୁ ଯୋଜନା କରାଯାଇଛି, କୌଣସି ଥିରେ ନୂତନତ୍ୱ ନାହିଁ। କେବଳ ନିର୍ବାଚନ ଆସିଲେ ମାଳ ମାଳ ଯୋଜନା ପ୍ରସ୍ତୁତ କରାଯାଉଛି। ନିର୍ବାଚନ ପରେ ସବୁ ଭୁଲିଯାଉଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଭାଜପା ଓ ବିଜେଡି ଗୋଟିଏ ମୁଦ୍ରାର ୨ ପାର୍ଶ୍ୱ। କେନ୍ଦ୍ରରୁ ଯେତେସବୁ ନେତା ମନ୍ତ୍ରୀ ଓଡ଼ିଶା ଆସୁଛନ୍ତି ରାଜ୍ୟ ସରକାରଙ୍କ ବିରୋଧରେ ପଦୁଟିଏ ମଧ୍ୟ କହୁନାହାନ୍ତି। ଏଥିରୁ ଏହି ଦୁଇ ରାଜନୈତିକ ଦଳର ଭିତିରି ସମ୍ପର୍କ ସ୍ପଷ୍ଟ ବାରିହୋଇ ପଡୁଛି ବୋଲି କଂଗ୍ରେସ କହିଛି। ଏହି କାର୍ଯ୍ୟକ୍ରମରେ ଉମରକୋଟ ନିର୍ବାଚନମଣ୍ଡଳୀର ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ପଥପ୍ରାନ୍ତ ନାଟକରେ ସଚେତନ କରୁଛନ୍ତି ଦିବ୍ୟାଙ୍ଗ




କୁନ୍ଦୁରା, ୨୫।୨(ସନ୍ତୋଷ ପ୍ରହରାଜ)

**ଦିବ୍ୟାଙ୍ଗଙ୍କୁ ସରକାରୀ ସୁବିଧା ସମ୍ପର୍କରେ ଦେଉଛନ୍ତି ସୂଚନା**

ଦିବ୍ୟାଙ୍ଗମାନେ କିପରି ସରକାରୀ ସୁବିଧା ସୁଯୋଗର ଲାଭ ଉଠାଇପାରିବେ ସେ ନେଇ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନ କରାଯାଉଛି। ଏ ନେଇ ଜଣେ ଦିବ୍ୟାଙ୍ଗ ହିଁ ଲୋକମାନଙ୍କୁ ସଚେତନ କରୁଛନ୍ତି। ସେ ହେଲେ ମାଧୁରୀ ମୋହନ ହୋତା। କୋରାପୁଟ ଜିଲା କୁନ୍ଦୁରା ବ୍ଲକରେ ସେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଲୋକଙ୍କୁ ସଚେତନ କରୁଛନ୍ତି। ନିଜେ ଦୁର୍ଘଟଣାରେ ଦିବ୍ୟାଙ୍ଗ ହୋଇଯିବା ପରେ କ'ଣ ସବୁ ସରକାରୀ ସୁବିଧା ପାଇଛନ୍ତି ଓ ଅନ୍ୟମାନେ କିପରି ସେ ସବୁ ସୁବିଧା ପାଇବେ ସେ ନେଇ ମାଧୁରୀ ନିଜ ଟିମ୍ ସହ ମିଶି ସଚେତନ କରୁଛନ୍ତି। ଏହି ସମୟରେ ସରପଞ୍ଚ ଘାସୀ ଭତ୍ରା, ଅଜୟ ସାହୁ, ଧନପତି ସରାବୁ, ଗୀତାଞ୍ଜଳି ମିଶ୍ର, ବସନ୍ତ ଭୋଳ ପ୍ରମୁଖ ଉପସ୍ଥିତ ଥିଲେ।

ସରକାରୀ ନିୟମାନୁଯାୟୀ ୨୧ ପ୍ରକାର ଦିବ୍ୟାଙ୍ଗ ରହିଥିବାବେଳେ ସେମାନଙ୍କୁ ଚିହ୍ନଟ କରାଯାଇ ପ୍ରଶାସନ ଦ୍ୱାରା ଉପକରଣ ଏବଂ ସହାୟତା ଯୋଗାଇ ଦିଆଯାଉଛି। ମାଧୁରୀ ଓ ତାଙ୍କ ଟିମ୍ କୋରାପୁଟ ଜିଲାର ବିଭିନ୍ନ ଗ୍ରାମାଞ୍ଚଳ ଏବଂ ପଞ୍ଚାୟତ ସଦର ମହକୁମାରେ ଏହି ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ଦିବ୍ୟାଙ୍ଗ, ବୃଦ୍ଧା ବୃଦ୍ଧ, ବିଧବା, ଅସହାୟ ବ୍ୟକ୍ତିମାନେ ବ୍ଲକରେ ଥିବା ସାମାଜିକ ସୁରକ୍ଷା ଅଧିକାରୀଙ୍କ ନିକଟକୁ ଯାଇ ସମସ୍ତ ପ୍ରକାର ସୁବିଧା ପାଇଁ ଆବେଦନ କରିପାରିବେ। ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଜୟପୁର ସଦର ମହକୁମା ଚିକିତ୍ସାଳୟରେ ପ୍ରତି ମାସ ୧୫ ତାରିଖରେ ବିଶେଷଜ୍ଞଙ୍କ ଦ୍ୱାରା ଦିବ୍ୟାଙ୍ଗମାନଙ୍କୁ ଚିହ୍ନଟ କରାଯାଇଥାଏ। ଏହାପରେ ସେମାନଙ୍କୁ ଆବଶ୍ୟକୀୟ ଉପକରଣ ପ୍ରଦାନ କରାଯାଇଥାଏ।

# ଦିବ୍ୟଜୀବନ ସଂଘ ଖାତିଗୁଡ଼ା ଶାଖା ବାର୍ଷିକ ଉତ୍ସବ

ତେନ୍ତୁଳିଖୁଣ୍ଟି, ୨୫।୨(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡ଼ାସ୍ଥିତ ଦିବ୍ୟଜୀବନ ସଂଘ ଶାଖାର ବର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ସଞ୍ଜୀବ ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଯଶୋବନ୍ତ ବରାଳ ମୁଖ୍ୟ ଅତିଥି, ସାଧକ ସୁଧିରାଜ ରାଉତ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ମାନବ ଜୀବନର ସଫଳତା ପାଇଁ ଲକ୍ଷ୍ୟ, ଶକ୍ତି ସଂରକ୍ଷଣ, ସାତ୍ତ୍ୱିକ ଭୋଜନ ଜରୁରୀ। ବିଭିନ୍ନ ଗଳ୍ପ ତଥା ଲୋକକଥାକୁ ନେଇ ମୁଖ୍ୟବକ୍ତା ଉପଦେଶ ଦେଇଥିଲେ। ନିଜକୁ ଭଲ ପାଇଲେ ନିଶ୍ଚିତ ରୂପେ ସଫଳତା ମିଳିବ ବୋଲି ମୁଖ୍ୟ ଅତିଥି କହିଥିଲେ। ଉପସ୍ଥିତ ଛାତ୍ରୀମାନେ ଭକ୍ତିରସର ନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। କୃତୀ ପ୍ରତିଯୋଗୀ ଓ ଅଂଶଗ୍ରହଣକାରୀଙ୍କୁ ଯଶବନ୍ତ ବରାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳକୃଷ୍ଣ ଭଞ୍ଜ, ଶାଖା ସଭାପତି ବିଜୟ ପାଣିଗ୍ରାହୀ, ପ୍ରଫୁଲ୍ଲ କୁମାରୀ ସାହୁ, ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ସହଦେବ ପ୍ରମୁଖ ପୁରସ୍କୃତ କରିଛନ୍ତି। ସମ୍ପାଦକ ନରସିଂହ ପ୍ରଧାନ, ସର୍ବେଶ୍ୱର ବେହେରା, ଜଗଦେବ କେଶରୀ ସାମନ୍ତ, ହରିବନ୍ଧୁ ପରିଡ଼ା, ସଞ୍ଜୟ ବେହେରା, ସନ୍ତୋଷ ସାମଲ, ସୁଦର୍ଶନ ସାହୁ, ରଞ୍ଜିତ ତ୍ରିପାଠୀଙ୍କ ସମେତ ଶାଖାର ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ



ସହଯୋଗ କରିଥିଲେ। ପୃଥ୍ୱୀରାଜ ପାଇକରାୟ ଧନ୍ୟବାଦ ଦେଇଥିଲେ।

# ମାଝିଧନୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଶ୍ରେଷ୍ଠ

କୋଷାଗୁମୁଡ଼ା,୨୫।୨(ପ୍ରସାଦ ବିଷୋୟୀ)

**ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର**

ନବରଙ୍ଗପୁର ଜିଲା ଆର୍‌ସିଡି ବିଦ୍ୟାଳୟରେ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ରମେଶ ମାଝି, ଜିଲାପାଳ କମଳଲୋଚନ ମିଶ୍ର, ଡିଇଓ ଡ. ପ୍ରଦୀପ ନାଗ, ଏଡିଇଓ ରେଶମଲାଲ ନାୟକ ଏବଂ ବିଶ୍ୱନାଥ ସାହୁ, ବିଜ୍ଞାନ ପରିଦର୍ଶକ ଚିତ୍ତରଞ୍ଜନ ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ। ଏହି ସମାରୋହରେ ବ୍ଲକସ୍ତରରେ ସର୍ବଶ୍ରେଷ୍ଠ ବିଦ୍ୟାଳୟଭାବେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବଦ୍ରିନାରାୟଣ ବିଶ୍ୱାଳଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ୨ ଜଣ ଛାତ୍ରୀଛାତ୍ରଙ୍କୁ ମଧ୍ୟ ଲିଡରସିପ ଆୱାର୍ଡ ପ୍ରଦାନ କରାଯାଇଥିଲା। ମଝିଧନୁଆ ସରପଞ୍ଚ, ଗ୍ରାମବାସୀ, ସିଆରସିସି, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନଶିକ୍ଷକ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ପାଇଁ କଠିନ ପରିଶ୍ରମ କରିବା ସହ ସ୍କୁଲକୁ ସବୁ କ୍ଷେତ୍ରରେ ଆଗେଇ ନେବାପାଇଁ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। କୋଲକାତାର ଜୋନାଲସ୍ତରରେ ଅନୁଷ୍ଠିତ ପୂର୍ବ ଭାରତୀୟ ବିଜ୍ଞାନ ଓ ବୈଷୟିକ ଜ୍ଞାନ କୌଶଳରେ ସ୍କୁଲ ୨ଥର ଅଂଶଗ୍ରହଣ କରି ପୁରସ୍କୃତ ହୋଇଛି। ବ୍ଲକସ୍ତରୀୟ ୫ମ ମାସିକ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକଙ୍କ ସମାରୋହରେ ମଧ୍ୟ ବଦ୍ରିନାରାୟଣ ସର୍ବଶ୍ରେଷ୍ଠ ପ୍ରଧାନଶିକ୍ଷକ ଭାବେ ପୁରସ୍କୃତ ହୋଇଛନ୍ତି।

# ସେତୁ, ରାସ୍ତା ନିର୍ମାଣ ନେଇ ଭିତ୍ତିପ୍ରସ୍ତର

ଜୟପୁର, ୨୫।୨(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଗ୍ରାମ୍ୟ ଉନ୍ନୟନ ବିଭାଜନ ପକ୍ଷରୁ ୨ଟି ରାସ୍ତା ୩ଟି ସେତୁ ନିର୍ମାଣ ହେବ। ଏ ନେଇ ଜୟପୁର ବ୍ଲକରେ ସ୍ଥାନୀୟ ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟ ଅତିଥିଭାବେ ଯୋଗଦେଇ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଜୟପୁର ଆଇନ ମହାବିଦ୍ୟାଳୟରୁ ଢେପମାଳିଗୁଡା ରାସ୍ତା, ଫାମ୍ପୁଣି–କୁମୁଲିପୁଟ ପିଏମ୍‌ଜିଏସ୍‌ୱାଇ ରାସ୍ତାରୁ ଝାଡଙ୍ଗ ପିଏମ୍‌ଜିଏସ୍‌ୱାଇ ରାସ୍ତାରେ କୋଲାବନଦୀ ଉପରେ ସେତୁ, ମହୁଲଭଟ୍ଟାରୁ ସିଙ୍ଗିବନ୍ଦ ସେତୁ, ବୋଡ଼ିଗୁଡ଼ାରୁ ଚଢ଼େଇପଦର ଭାୟା ଲକ୍ଷ୍ମୀପଦର– ଲାଠିଗୁଡା ରାସ୍ତା, ଡଙ୍ଗାଘାଟରୁ ଲଡିଆଲପାଲି ବ୍ରିଜ ନିର୍ମାଣ ହେବ। ଏହି କାର୍ଯ୍ୟକ୍ରମରେ ଏସ୍‌ଡିଓ ଦେବାଶିଷ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ରାସ୍ତାକଡ଼ରୁ କ୍ଷତବିକ୍ଷତ ମୃତଦେହ ଜବତ

ବୋରିଗୁମ୍ମା, ୨୫।୨(ବିଜୟ କୁମାର ସାହୁ)

ବୋରିଗୁମ୍ମା ଥାନା ଅଧୀନ ଜାତୀୟ ରାଜପଥ ୨୬ ନମ୍ବର ଅଞ୍ଚଳା ନିକଟରେ ରାସ୍ତା କଡ଼ରେ ଜଣେ ଯୁବକଙ୍କ ମୃତଦେହ ମିଳିଛି। କ୍ଷତବିକ୍ଷତ ମୃତଦେହର ଗୋଟିଏ ଗୋଡ଼ ଓ ହାତ ଭାଙ୍ଗି ଯାଇଛି। ମୃତକଙ୍କ ପରିଚୟ ମିଳିନାହିଁ। ତେଣୁ ଏହା ଦୁର୍ଘଟଣାଜନିତ ମୃତ୍ୟୁ ନା ହତ୍ୟା ପୋଲିସ ତାହାର ତଦନ୍ତ କରୁଛି।

ସୂଚନାନୁଯାୟୀ, ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ୩ଦିନ ପାଇଁ ଜୟପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି ବୋଲି ତଦନ୍ତକାରୀ ଏଏସ୍‌ଆଇ ଚନ୍ଦନ ପ୍ରସାଦ ମାଝି କହିଛନ୍ତି। ବୋରିଗୁମ୍ମା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି ବୋଲି ଥାନାଧିକାରୀ ଯୁଗଳ କିଶୋର ସା କହିଛନ୍ତି।

# ଡାବୁଗାଁ ଓଡ଼ିଶା ଡ୍ରାଇଭର ମହାସଂଘ ବୈଠକ

ଡାବୁଗାଁ, ୨୫।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ଓଡ଼ିଶା ଡ୍ରାଇଭର ମହାସଂଘ ଡାବୁଗାଁ ଶାଖାର ଏକ ବୈଠକ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଟ୍ୟାକ୍ସି ଷ୍ଟାଣ୍ଡରେ ରବିବାର ଅନୁଷ୍ଠିତ ହୋଇଛି। ସଂଘ ସଭାପତି ସନ୍ତୋଷ ଭତ୍ରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲା ସଭାପତି ଅକ୍ଷୟ ରାଓ ମୁଖ୍ୟ ଅତିଥି, ଅଜୟ ସିଂଦାର, ନବରଙ୍ଗପୁର ବ୍ଲକ ସମ୍ପାଦକ ମଧୁସୂଦନ ରାଓ, ତାପସ ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ନିଶାମୁକ୍ତ ଡ୍ରାଇଭର ସଂଘ ଗଠନ, ସଂଘର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ଡାବୁଗାଁ ବ୍ଲକର ନୂତନ କମିଟି ଗଠନ କରାଯାଇଥିଲା। ସନ୍ତୋଷ ଭତ୍ରା ସଭାପତି, ପି. ଭୈରବ ରାଓ ଉପସଭାପତି, ପ୍ରଶାନ୍ତ ପଣ୍ଡା ସମ୍ପାଦକ, ତ୍ରିନାଥ ଷଡ଼ଙ୍ଗୀ ସହ ସମ୍ପାଦକ, ଡମ୍ବରୁ ନାୟକ କୋଷାଧ୍ୟକ୍ଷ, ଉତ୍ତମ ପ୍ରଧାନ ଉପଦେଷ୍ଟା ଓ ବ୍ଲକର ୧୨ ପଞ୍ଚାୟତ ପାଇଁ ସଭାପତିଙ୍କୁ ଚୟନ କରାଯାଇଛି। ଡାବୁଗାଁ ବ୍ଲକର ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଡ୍ରାଇଭର ବୈଠକରେ ସାମିଲ ହୋଇଥିଲେ।



ବୈଠକରେ ସାମିଲ ହୋଇଥିବା ମହାସଂଘ କର୍ମକର୍ତ୍ତା।

# ରାସ୍ତା ପାଇଁ ୨ ଏକର ଜାଗା ଦାନ କଲେ ଗୋବର୍ଦ୍ଧନ

ପାପଡାହାଣ୍ଡି/ ମଇଦଲପୁର, ୨୫।୨
(ସ୍ୱପ୍ନଜିତ ପଟ୍ଟନାୟକ/ସଦାଶିବ ଦାସ)


ଗ୍ରାମବାସୀଙ୍କ ସହ ଗୋବର୍ଦ୍ଧନ।

ବସ୍ତି ବାସିନ୍ଦାଙ୍କ ଚଳାଚଳ ପାଇଁ ଭଲ ରାସ୍ତା ନ ଥିଲା। ଦୀର୍ଘଦିନ ହେଲା ରାସ୍ତା ପାଇଁ ନାନା କଷ୍ଟ ଭୋଗି ଆସୁଥିଲେ। ପ୍ରଶାସନକୁ ବସ୍ତି ବାସିନ୍ଦା ରାସ୍ତାଟିଏ କରିଦେବାକୁ ବାରମ୍ବାର ଅନୁରୋଧ କରିଆସୁଥିଲେ ମଧ୍ୟ ରାସ୍ତା ପାଇଁ ଜମି କିଏ ଦେବ କହି କଥାକୁ ଟାଳି ଦେଉଥିଲେ। ଏହା ମଧ୍ୟରେ ରାସ୍ତା ପାଇଁ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୈଦଲପୁର ବିଷୋୟୀ ସାହିର ଗୋବର୍ଦ୍ଧନ ୨ ଏକର ଜମି ଦାନ କରିଛନ୍ତି।

ବିଷୋୟୀ ସାହି ବସ୍ତିକୁ ଯିବାକୁ ଭଲ ରାସ୍ତା ନ ଥିଲା। ଗୋବର୍ଦ୍ଧନ ତାଙ୍କ ପୁଅ ଟିକେ ମାଝି ଓ ପିତାମ୍ବର ମାଝିଙ୍କ ସହିତ ଉକ୍ତ ରାସ୍ତାକୁ ନେଇ ବିଚାର କରି ଜମି ଦାନ ପାଇଁ ନିଷ୍ପତ୍ତି ନେଇଥିଲେ। ଏକଥା ବସ୍ତିଲୋକଙ୍କୁ ଜଣେଇବା ପରେ ଏକ ବୈଠକ କରାଯାଇଥିଲା। ଗୋବର୍ଦ୍ଧନ ନିଜ ପଟ୍ଟା ଜମିରୁ ୨ଏକର ଜମି (ଲମ୍ବା ୨୦୦ମିଟର ଓ ଓସାର ୧୫ଫୁଟ )ବସ୍ତିରେ ରାସ୍ତା ନିର୍ମାଣ ନିମନ୍ତେ ଦାନ କରିଥିଲେ। ଏନେଇ ସେ ଏକ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷର କରିଛନ୍ତି ଉକ୍ତ ଜମି ଉପରେ ତାଙ୍କର ପୁଅ, ନାତି କିମ୍ବା କୌଣସି ଉତରାଧିକାରୀ ଭବିଷ୍ୟତରେ ଦାବି କରିବେ ନାହିଁ ବୋଲି ସେଥିରେ ଉଲ୍ଲେଖ ରହିଛି। ସେମଳା ମୌଜାରେ ଥିବା ଖାତା ନଂ ୬୫ର ୬୫୫ପ୍ଲଟରୁ ୨ଏକର ଜମିସେ ସ୍ଥିର ଓ ସୁସ୍ଥ ଚିତରେ ବସ୍ତିବାସିନ୍ଦାଙ୍କ ପାଇଁଦାନ କରିଥିବା ଚୁକ୍ତିନାମାରେ ଦର୍ଶାଯାଇଛି । ଗୋବର୍ଦ୍ଧନଙ୍କ ଏଭଳି ନିଷ୍ପତିକୁ ସାହି ବାସିନ୍ଦା ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି।

## ସଂକ୍ଷେପରେ

### କୋଣ୍ଡାରେଡି ସମ୍ପ୍ରଦାୟ ଆଦିବାସୀ ମାନ୍ୟତା ପାଇବା ପରେ ମନାଉଛନ୍ତି ଖୁସି

ଚିତ୍ରକୋଣ୍ଡା, ୨୫।୨ (କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ କୁରୁମାନୁର ଓ ପାପୁଲୁର ପଞ୍ଚାୟତ କୋଣ୍ଡାରେଡି ତଥା ଦଳୀୟ କର୍ମୀମାନେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କୁ ଡାକି ଏକ ଜରୁରୀ ବୈଠକ ସହ କୋଣ୍ଡାରେଡି ସମ୍ପ୍ରଦାୟ ଆଦିବାସୀ ମାନ୍ୟତା ଅବସରରେ ଉତ୍ସବ ମନାଇଛନ୍ତି। ଦୀର୍ଘ ଦିନ ହେଲା ଏମ୍‌ପି ମାଝି ଉକ୍ତ ଦୁର୍ଗମ ଉପାନ୍ତ ଅଞ୍ଚଳର ମୁଖ୍ୟ ସମସ୍ୟା କୋଣ୍ଡାରେଡି ସମ୍ପ୍ରଦାୟମାନଙ୍କୁ ଆଦିବାସୀ ମାନ୍ୟତା ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ କୋଣ୍ଡାରେଡି ନେତା ରାମା ରାଓ ଉପସ୍ଥିତ ଥିଲେ। ଏଥି ସହିତ ବୈଠକରେ ଉପାନ୍ତ ଦୁର୍ଗମ ପାପୁଲୁର ଓ କୁରୁମାନୁର ପଞ୍ଚାୟତ ମୁଖ୍ୟ ସମସ୍ୟାଗୁଡ଼ିକ କୁରୁମାନୁରଠାରୁ ଆନ୍ଧ୍ର ଓଡିଶା ସଂଯୋଗ ପାଇଁ ପୋଲ ନିର୍ମାଣ, ଉକ୍ତ ଅଞ୍ଚଳ ପାଇଁ ପଟ୍ଟା ପ୍ରଦାନ, ପାଣି ସମସ୍ୟା ଦୂରୀକରଣ, ଉତ୍ତମ ରାସ୍ତା ଘାଟ ନିର୍ମାଣ ପ୍ରତି ଗାଁକୁ ସଂଯୋଗୀ କରଣ ଓ ବିଦ୍ୟାଳୟ ଓ ଶିକ୍ଷକ ସମସ୍ୟା ସମାଧାନ ଥିଲା । କାର୍ଯ୍ୟକ୍ରମରେ ଏମ୍‌ପି ପ୍ରତିନିଧି ଜଗନ୍ନାଥ ମାଝି ଓ ମଦନ ଖସଲା, ବରିଷ୍ଠ ବିଜେଡି କର୍ମୀ ଦେବେନ୍ଦ୍ର ଦାଶ, ରଘୁ ଖରା, ଶିବ ପ୍ରସାଦ ଖରା , ଶୁକ୍ରା ମୁଦୁଲି, ଦୁଲଭ ଖିଲ ଓ ମଙ୍ଗଳା ପାଙ୍ଗି ଉପସ୍ଥିତ ଥିଲେ।

### ମିଡିଆ କ୍ଲବ ଗୁଣପୁର ବୈଠକ

ଗୁଣୁପୁର, ୨୫।୨ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣୁପୁର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ 'ମିଡିଆ କ୍ଲବ ଗୁଣୁପୁର'ର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କ୍ଲବର ଆବାହକ ଜିତେନ୍ଦ୍ର କୁମାର ଶତପଥିଙ୍କ ଆହ୍ୱାନକ୍ରମେ ଅନୁଷ୍ଠିତ ବୈଠକରେ ସଭାପତି ଅନୀଲ କୁମାର ସାହୁକାର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଧାୟକ ରଘୁନାଥ ଗମାଙ୍ଗ, ପୌର ପରିଷଦ ଅଧ୍ୟକ୍ଷା ମମତା




ଗୌଡ, ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, ସାମାଜିକ କର୍ମୀ ସଞ୍ଜୟ ସାହୁ, ଗୁଣପୁର ଉପଖଣ୍ଡ ଅରକ୍ଷୀ ଅଧୀକ୍ଷକ ବାବୁଲୀ ନାୟକ, ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ, ଏସ୍‌ଆଇ ଅଶୋକ ପାଢି ପ୍ରମୁଖ ଯୋଗ ଦେଇଥିଲେ। ମିଡ଼ିଆ କ୍ଲବର ସଭ୍ୟ ଦିଲୀପ ରାଜଗୁରୁ ମହାପାତ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆବାହକ ଜିତେନ୍ଦ୍ର କୁମାର ଶତପଥି କ୍ଲବର ଆଭିମୂଖ୍ୟ କହିଥିଲେ । ଖବରଦାତା ବିଭୁପ୍ରସାଦ ଶତପଥିଙ୍କ ପରିଚାଳନା କ୍ରମେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ରାଜଗୁରୁ ମହାପାତ୍ର, ଆଇନ ପରାମର୍ଶଦାତା ରମେଶ ଲିମା, କୋଷାଧ୍ୟକ୍ଷ ଲକ୍ଷ୍ମୀ ମହାଙ୍କୁଡ, ଖବରଦାତା ରାକେଶ ପାଢି, ମହେଶ ପାଟଖଣ୍ଡାଳ, ଜଗଦୀଶ ପ୍ରସାଦ ଶତପଥୀ, ଅନିଲ ଚୌଧୁରୀ, ସୁନୀଲ ସାବତ, ଶୀଲା ଶବର, ଉମା ମହାଙ୍କୁଡ ଓ ବିଷ୍ଣୁ ପ୍ରସାଦ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ । ସମ୍ପାଦକ ଜଗନ୍ନାଥ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

# ଘରେ ଘରେ ଶଙ୍ଖ, ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମ

ମାଲକାନଗିରି, ୨୫।୨ (ଦୁର୍ଯ୍ୟୋଧନ ପାତ୍ର)

ନିର୍ବାଚନ ପାଖେଇ ଆସୁଥିବା ବେଳେ ସବୁ ରାଜନୈତିକ ଦଳ ସକ୍ରିୟ ହେବା ସହ ଲୋକଙ୍କ ନିକଟତର ହେବା ପାଇଁ ପ୍ରୟାସ ଆରମ୍ଭ କରିଛନ୍ତି। ତେବେ ଏହି କ୍ରମରେ ବିଜେଡି କିନ୍ତୁ କେତେକ ଅଲଗା ରଣନୀତି ଆପଣେଇବା ସହ ଲୋକଙ୍କୁ ନିଜ ଦ୍ୱାରା କରାଯାଇଥିବା ଜନ ହିତକର କାର୍ଯ୍ୟ ବିଷୟରେ ଅବଗତ କରାଇବା ସହ ଘରେ ଘରେ ଶଙ୍ଖ ନାରା ନେଇ ଆରମ୍ଭ କରିଛି ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ଯାହାକୁ କି ଲୋକେ ମଧ୍ୟ ବେଶ୍ ପସନ୍ଦ କରୁଛନ୍ତି। ଏହି ଆଧାରରେ ମାଲକାନଗିରି ଜିଲା ବିଜୁ ଜନତା ଦଳ ପକ୍ଷରୁ ରବିବାର ଜିଲା ସଦର ବ୍ଲକ ତଣ୍ଡାପିଲ ପଞ୍ଚାୟତ ଏମ୍‌ଭି୧୪ ଗ୍ରାମସ୍ଥିତ ହରି ମନ୍ଦିର ପ୍ରାଙ୍ଗଣରେ ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ ଅନୁଷ୍ଠିତ ହୋଇଯାଇଛି।



ଘରେ ଘରେ ଶଙ୍ଖ ଓ ପରିବାର ସମ୍ପର୍କ ଅଭିଯାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ନେତା ଓ କର୍ମୀ ।

କାର୍ଯ୍ୟକ୍ରମରେ ଜିଲା ବିଜୁ ଜନତା ଦଳ ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡକାମି ଯୋଗଦେଇ ନବୀନ ସରକାରଙ୍କ ବିକାଶର ବାର୍ତ୍ତା ଦେବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ କିପରି ସୁଦୃଢ଼ କରିହେବ ଏବଂ ବିଜୁ ଜନତା ଦଳକୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ କର୍ମକର୍ତ୍ତାଙ୍କ ମନୋବଳ ବଢ଼ାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜୋନ୍ ସଂଯୋଜକ ତଥା ବିଜେଡି ଜିଲା ଉପଦେଷ୍ଟା ପ୍ରଫୁଲ୍ଲ କୁମାର ପଣ୍ଡା, ଜିଲ୍ଲା ଉପସଭାପତି ଗଣେଶ ମଣ୍ଡଲ, ଶିଖପାଲି ଜୋନ୍ ଜିଲା ପରିଷଦ ମୁକା ମାଡକାମି, ପଞ୍ଚାୟତ ସଭାପତି ମୋହନ ବର୍ମନ ଓ ସନା ପଡିଆମିଙ୍କ ସହିତ ବିଜୁ ଜନତା ଦଳର ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ସେମିଳିଗୁଡ଼ା ବ୍ଲକରେ ୧୪୫ ଜଣଙ୍କୁ ଶିକ୍ଷା ସମ୍ମାନ

ସେମିଳିଗୁଡ଼ା/ସୁନାବେଡା, ୨୫।୨ (ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସେମିଳିଗୁଡା ବ୍ଲକରେ ଥିବା ବିଭିନ୍ନ ବିଦ୍ୟାଳୟ, ଶିକ୍ଷୟିତ୍ରୀ, ଶିକ୍ଷକ ଏସ୍‌ଏମ୍‌ସି, ଛାତ୍ରୀଛାତ୍ର, ପଞ୍ଚାୟତ ଓ ଆଲୁମ୍‌ନିଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ ପ୍ରଦାନ କରାଯାଇଛି। ସେମିଳିଗୁଡ଼ା ବ୍ଲକର ୧୦୧ ଛାତ୍ରୀଛାତ୍ରଙ୍କୁ ବ୍ଲକସ୍ତରୀୟ ଶିକ୍ଷା ସମ୍ମାନ, ନେତୃତ୍ୱ ଦକ୍ଷତାରେ ୩୩ ଏବଂ ଷ୍ଟୁଡେଣ୍ଟ ଲେଭଲ ଏକାଡେମିକରେ ଜଣଙ୍କୁ ପୁରସ୍କୃତ କରାଯାଇଛି। ଶିକ୍ଷା କ୍ଷେତ୍ରରେ ସେମିଳିଗୁଡ଼ା ସରକାରୀ ହାଇସ୍କୁଲ, ସରକାରୀ ଏସ୍‌ଏସ୍‌ଡି ହାଇସ୍କୁଲ, ରେଙ୍ଗା ଓ ସରକାରୀ ହାଇସ୍କୁଲ ଦୁଧାରୀ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ଖଜୁରିଗୁଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଗୁଣ୍ଡାଗୁଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଏକ୍ସ ବୋର୍ଡ ପ୍ରକଳ୍ପ ଉଚ୍ଚ ପ୍ରାଥମିକ



ଦୁଧାରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ବିଦ୍ୟାଳୟ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ସରକାରୀ ହାଇସ୍କୁଲ ଜଙ୍ଗରଡ଼ା ଶ୍ରେଷ୍ଠ ଆଲୁମ୍‌ନି, ସେମିଳିଗୁଡା ସରକାରୀ ହାଇସ୍କୁଲକୁ ଶ୍ରେଷ୍ଠ ଏସ୍‌ଏମ୍‌ସି ପୁରସ୍କାର ମିଳିଛି। ଦଳେଇଗୁଡ଼ାକୁ ଶ୍ରେଷ୍ଠ ପଞ୍ଚାୟତ, ସରକାରୀ ହାଇସ୍କୁଲ ସେମିଳିଗୁଡ଼ାର ପ୍ରଧାନ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ସାମନ୍ତସିଂହାର ଶ୍ରେଷ୍ଠ ପ୍ରଧାନ ଶିକ୍ଷୟିତ୍ରୀ ଏବଂ ତଳ ମାନିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ସସ୍ମିତା ନାୟକ ଶ୍ରେଷ୍ଠ ଶିକ୍ଷୟିତ୍ରୀ ଭାବେ ପୁରସ୍କୃତ ହୋଇଛନ୍ତି। କାର୍ଯ୍ୟକ୍ରମରେ କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ପଡାଲ, ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଯାନୀ, ସିଡିଓ ଦୟାମୟ ପାଢ଼ୀ, ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରା, ଜୟପୁର ପୋର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ଡିଇଓ ରାମଚନ୍ଦ୍ର ନାହାକ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ଅଧ୍ୟକ୍ଷ ରୂପଚନ୍ଦ୍ର ସୋରେନ ଓ ଏଡିଇଓ ଜଗନ୍ନାଥ ଭତ୍ରା ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ମାନିତ

## ଦେଶିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ

କୋରାପୁଟ, ୨୫।୨ (ଅମିତାଭ ବେହେରା)

କୋରାପୁଟ ଆଦିବାସୀ ସଂଗ୍ରହାଳୟଠାରେ ଚାଲିଥିବା ଦେଶିଆ ଭାଷା ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଲାର ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ବ୍ୟକ୍ତିଙ୍କୁ ସମ୍ମାନୀତ କରାଯାଇଥିଲା। ଦେଶିଆ ଭାଷାରେ ଗବେଷଣା କରୁଥିବା ଡ. ରାଜେନ୍ଦ୍ର ପାଢି, ଡ. ବିଜୟ ଉପାଧ୍ୟାୟ, ରଞ୍ଜନ ମହୁରିଆ ଓ ସାଲମନ ବିଡିକା ଯୋଗଦେଇ ଦେଶିଆ ଭାଷାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ ଦେବା ସହ ଆସନ୍ତା ଦିନରେ ଦେଶିଆ ଭାଷାରେ ପ୍ରତି ୬ ମାସରେ ଏକ ପତ୍ରିକା ପ୍ରକାଶନ କରିବା ପରିଚାଳନା କମିଟି ପକ୍ଷରୁ ନିଷ୍ପତି ହୋଇଥିଲା। ଏହି ପୁସ୍ତକର ମୁଖ୍ୟ ସମ୍ପାଦକ ଭାବେ ଡ. ସଦାନନ୍ଦ ଅଡାରିଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଏହି ଅବସରରେ କୋରାପୁଟ ଧରିତ୍ରୀ ଜିଲା ପ୍ରତିନିଧି ଅମିତାଭ ବେହେରାଙ୍କୁ ପ୍ରମାଣପତ୍ର ଓ ଉତ୍ତରୀୟ ଦେବା ସହ ଦେଶିଆ ଭାଷା ସମ୍ମାନ- ୨୦୦୪ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଦେଶିଆ ଭାଷା ସମ୍ମିଳନୀ ପ୍ରତିଷ୍ଠାତା ସ୍ୱର୍ଗତ କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀଙ୍କ ସ୍ତ୍ରୀ ମୀରା ପାଣିଗ୍ରାହୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

ସେହିପରି ନବରଙ୍ଗପୁରର ଜେମାମଣୀ ବିଶୋଇ, ସବ୍ୟସାଚୀ ବିଶୋଇ, ସାଇମନ ବିଡିକା, ମାଲକାନାଗିରିର ଅନାଦୀ କଡା, କମଲ ସାଇ ମାଝି, କୋରାପୁଟର ରଞ୍ଜନ ମହୁରିଆ ଓ ମଣିମା ଶୁକ୍ରିଙ୍କୁ ମଧ୍ୟ ଉତ୍ତରୀୟ ଦେଇ ସମ୍ମାନୀତ କରାଯାଇଥିଲା । ଭାଷା ସମ୍ମିଳନୀରେ ଆବାହକ ତଥା ବରିଷ୍ଠ ଆଇନଜିବୀ ଗୁପ୍ତେଶ୍ୱର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମଳନୀର ସଭାପତି ଡ. ସଦାନନ୍ଦ ଅଡାରୀ, ସମ୍ପାଦକ ଲଳିତ ମୋହନ ପଟ୍ଟନାୟକଙ୍କ ଉପସ୍ଥିତରେ ସଭାକାର୍ଯ୍ୟ ପରିଚାଳନା କରାଯାଇଥିଲା। ସନ୍ୟାସୀ ପୂଜାରୀ, ଅଭିମନ୍ୟୁ ରଗଡି, ଜଗନ୍ନାଥ ନାୟକ ଓ ଡ. ପୂର୍ଣ୍ଣଚନ୍ଦ୍ର ତନ୍ତୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।


ଦେଶିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ ଦିବସରେ ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

### ଶିକ୍ଷକଙ୍କ ଝୁଲନ୍ତା ମୃତଦେହ ଜବତ

ଗୁଣପୁର, ୨୫।୨ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବିଏସ୍‌ଏନ୍‌ଏଲ କାର୍ଯ୍ୟାଳୟ ନିକଟରେ ରହୁଥିବା ଶିକ୍ଷକ ଏମ. ଗୋପାଳ କ୍ରିଷ୍ଣା (୫୩)ଙ୍କ ଝୁଲନ୍ତା ମୃତଦେହକୁ ରବିବାର ଅପରାହ୍ନରେ ପୋଲିସ ଜବତ କରିଛି। ଏସଡିପିଓ ବାବୁଲି ନାୟକ, ଆଇଆଇସି ଉତ୍ତମ କୁମାର ସାହୁଙ୍କ ଉପସ୍ଥିତିରେ ମୃତଦେହ ଜବତ କରାଯାଇଥିଲା। ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ମୃତ ଗୋପାଳ ଗୁଣପୁର ବ୍ଲକର ବିଭିନ୍ନ ସ୍କୁଲରେ ଶିକ୍ଷକତା କରିବା ପରେ ପଦୋନ୍ନତି ପାଇ ପଦ୍ମପୁର ବ୍ଲକ ବିରିପଦର ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟକରି ଆସୁଥିଲେ। ତେବେ ସେ କେଉଁ କାରଣରୁ ଏଭଳି ପଦକ୍ଷେପ ନେଲେ କିଛି ଜଣାପଡି ନାହିଁ। ପୂର୍ବରୁ ଗୋପାଳଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କର ୨ ଝିଅ ଅଛନ୍ତି । ବଡ଼ ଝିଅ ବାଙ୍ଗାଲୋରରେ ଉଚ୍ଚ ଶିକ୍ଷା କରୁଥିବାବେଳେ ସାନ ଝିଅ ଗୁଣପୁର ମହାବିଦ୍ୟାଳୟରେ ଯୁକ୍ତ ୩ରେ ଅଧ୍ୟୟନ ରତ । ସାନ ଝିଅ ସମ୍ପର୍କୀୟଙ୍କ ଘର ପାରଳାଖେମୁଣ୍ଡି ଯାଇ ଘରକୁ ଫେରିବା ବେଳେ ଘରର କବାଟ ବନ୍ଦ ରହିଥିଲା। ଝରକା ପଟୁ ଝିଅ ଦେଖିବା ବେଳକୁ ରୋଷେଇ ଘର ପଙ୍ଖାରେ ତାଙ୍କ ବାପାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିଥିଲେ । ଘଟଣା ସମ୍ପର୍କରେ ପୋଲିସ ଖବର ପାଇ କବାଟ ଭାଙ୍ଗି ଘରେ ପଶି ଗୋପାଳଙ୍କ ମୃତଦେହ ଜବତ କରିଛି।

### ଅବକାରୀ ଚଢ଼ାଉ ମହୁଲ ପୋଚ, ମଦ ନଷ୍ଟ

ଟିକିରି, ୨୫।୨ (ପ୍ରଫୁଲ କୁମାର ବେହେରା )

କାଶୀପୁର ବ୍ଲକ ପୋଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ାଉ କରାଯାଇ ପାହାଡିଆ ଗାଁ କିଷାନକେବେଡି ଗ୍ରାମ ନିକଟରୁ ୨୫୦୦କିଲୋଗ୍ରାମ ମହୁଲ ପୋଚ ନଷ୍ଟ କରିବା ସହ ୧୫୦ଲିଟର ମହୁଲି ମଦ ନଷ୍ଟ କରାଯାଇଛି। ଏ ସଂକ୍ରାନ୍ତରେ କାଶୀପୁର ପୋଲିସ ଥାନାରେ ରବିବାର ୪୫/୨୪ ଏକ ମାମଲା ରୁଜୁ ହୋଇଛି।

# ସୁପରବାଇକ୍ ରାଇଡ଼ରଙ୍କ ଚିତ୍ରକୋଣ୍ଡା ଗସ୍ତ

ଚିତ୍ରକୋଣ୍ଡା, ୨୫।୨ (କ୍ଷୀରୋଦ ବେହେରା)

ଓଡ଼ିଶାର ସୁପର ବାଇକ୍ ରାଇଡ଼ରମାନେ ମାଲକାନଗିରି ସତୀଗୁଡ଼ା ପର୍ଯ୍ୟଟନସ୍ଥଳୀରେ ପହଞ୍ଚି ପରିଦର୍ଶନ କରିବା ପରେ ରବିବାର ଚିତ୍ରକୋଣ୍ଡା ଗସ୍ତ କରିଥିଲେ। ସିନେ ତାରକା ସିଦ୍ଧାନ୍ତ ମହାପାତ୍ର ଚିତ୍ରକୋଣ୍ଡା ଅଞ୍ଚଳକୁ ଆସିବେ ବୋଲି ଜନସାଧାରଣଙ୍କ ମନରେ ଉତ୍ସାହ ଥିବା ବେଳେ କୌଣସି କାରଣବଶତଃ ମାଲକାନଗିରିରୁ ସିଦ୍ଧାନ୍ତ ଓ ଜଣେ ସାଥୀ ଭୁବନେଶ୍ୱର ଫେରି ଯାଇଥିଲେ। ଫଳରେ ଚିତ୍ରକୋଣ୍ଡା ଜନସାଧାରଣଙ୍କ ମନ ମଉଳି ଯାଇଥିଲା। ଅନ୍ୟ ସାଥୀମାନେ ମାଲକାନଗିରିରୁ ଚିତ୍ରକୋଣ୍ଡା ଇକୋ ପାର୍କକୁ ଆସି କଟେଜ୍‌ରେ ରହି ଚିତ୍ରକୋଣ୍ଡା ଅଞ୍ଚଳର ତରାଭୁ, ଧନଞ୍ଜୟଗୁଡ଼ା ପାର୍କ ବୁଲି ଗୁରୁପ୍ରିୟାରେ ବୋଟିଂ କରି ସାକୁବନ୍ଧା ଝୁଲାପୋଲ ବୁଲି ଦେଖି ଇକୋ ପାର୍କକୁ ଫେରିଥିଲେ । ସେଠି କିଛି ସମୟ ବିଶ୍ରାମ ନେଇ ଅପରାହ୍ନରେ ଚିତ୍ରକୋଣ୍ଡା ମାଟିବନ୍ଧ ତଥା ଡ୍ୟାମ ବୁଲି ଦେଖିଥିଲେ । ଓଡ଼ିଶାର ସୁପର ବାଇକ ରାଇଡରଙ୍କ ପାଖରେ ହାଇସ୍ପଡର ଦାମୀ ବାଇକ, ଯେଉଁ ବାଇକ୍‌ରେ ୧୯ ଜଣ ଭୁବନେଶ୍ୱରରୁ ଚିତ୍ରକୋଣ୍ଡା କମ୍ ସମୟରେ ଆସିଛନ୍ତି । ସନ୍ଧ୍ୟାରେ ମିଶନ ଶକ୍ତି କାଫେ ପରିଦର୍ଶନ ପରେ କଫି ପିଇଥିଲେ। ରାତିରେ ଇକୋପାର୍କ କଟେଜରେ ରହି ଫାୟାର କାର୍ଯ୍ୟକ୍ରମ ସହ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯିବାର ରହିଛି। ଉକ୍ତ ସୁପର ବାଇକ୍ ରାଇଡ଼ରଙ୍କର ପରିଭ୍ରମଣରେ ଚିତ୍ରକୋଣ୍ଡା ବନାଞ୍ଚଳ ଅଧିକାରୀ ବଳରାମ ନାୟକ ସହଯୋଗ କରୁଥିବା ବେଳେ ବନପାଳ ନିରଞ୍ଜନ ସାରକା, ବନପାଳ ମୃତ୍ୟୁଞ୍ଜୟ ସେଠୀ, କିରାନି ପ୍ରମୋଦ ବାଡ୍ଡିଙ୍ଗ, ଗାର୍ଡ ସଞ୍ଜୟ ପରିଡ଼ାଙ୍କ ସହ ଅନ୍ୟ ବନପାଳ, ଗାର୍ଡ ଓ ସ୍କ୍ୱାଡ୍ ଏଥିରେ ସହଯୋଗ କରିଥିଲେ ।



ଏକାଠି ହୋଇଥିବା ସୁପର ବାଇକ୍ ରାଇଡର ।

# ବାଲିମେଳା ମହାବିଦ୍ୟାଳୟ ପରିଚାଳନା କମିଟି ବୈଠକ

ବାଲିମେଳା, ୨୫।୨ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ବାଲିମେଳା ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ପତିତପାବନ ଦାସଙ୍କ ନେତୃତ୍ୱରେ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ପାତ୍ର କମିଟି ସଦସ୍ୟମାନଙ୍କୁ ନେଇ ଆଲୋଚନା କରିଥିଲେ। ବୈଠକ ଆରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପାତ୍ର ମହାବିଦ୍ୟାଳୟର ସୁବିଧା ଅସୁବିଧା ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟତଃ ମହାବିଦ୍ୟାଳୟର ନାଚ ମାନ୍ୟତା ପାଇଁ ଚେଷ୍ଟା କରିବା, ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ପାଇଁ ସାଇକେଲ ଷ୍ଟାଣ୍ଡ ନିର୍ମାଣ, ମହାବିଦ୍ୟାଳୟ କୋଠାଗୁଡିକୁ ରଙ୍ଗ ମାରିବା, ଜାତୀୟ ଓ ରାଜ୍ୟ ସ୍ତରୀୟ ସେମିନାରରେ ଯୋଗ ଦେବା ପାଇଁ ଅଧ୍ୟାପିକା ଅଧ୍ୟାପକମାନଙ୍କୁ ଉତ୍ସାହିତ କରିବା, ଲାଇବ୍ରେରୀ ପାଇଁ ନୂତନ ପାଠ୍ୟ ପୁସ୍ତକ କିଣିବା, ଏଥି ସହିତ ଛାତ୍ରୀଛାତ୍ରଙ୍କ ମାସିକ ଦେୟ ୩୫ଟଙ୍କାରୁ ୫୦ ଟଙ୍କାକୁ ବୃଦ୍ଧି, ପୁରାତନ ଛାତ୍ରୀ ଛାତ୍ରଙ୍କୁ ନେଇ କ୍ଲବ ଗଠନ ଆଦି ଉପରେ ପ୍ରସ୍ତାବ ସମସ୍ତଙ୍କ ଦ୍ୱାରା ଗୃହୀତ ହୋଇଥିଲା।


ବୈଠକରେ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଉଛି ।

# ନିଆଁଲାଗି ଜଳିଗଲା ମୋବାଇଲ ଦୋକାନ




ନବରଙ୍ଗପୁର, ୨୫।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଘରୋଇ ବସ ଷ୍ଟାଣ୍ଡ ନିକଟ ଜେଇଏଲ୍‌ସି କମ୍ପ୍ଲେକ୍ସ ଉପର ମହଲାରେ ଥିବା କେଦାର ମୋବାଇଲ ଦୋକାନରେ ଶର୍ଟସର୍କିଟ ହୋଇ ନିଆଁ ଲାଗିଯାଇଛି। ଫଳରେ ଲକ୍ଷାଧିକ ଟଙ୍କାର ମୋବାଇଲ ଓ ବିଭିନ୍ନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗିବା କାରଣରୁ ଲୋକେ ଜମା ହେବା ଫଳରେ ଟ୍ରାଫିକ୍ ଜାମ ହୋଇଥିଲା। ଥାନାଧିକାରୀ ସମ୍ବିତ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଟିମ୍ ସେଠାକୁ ଯାଇ ଟ୍ରାଫିକ ନିୟନ୍ତ୍ରଣ କରିଥିଲେ।

# ଅଙ୍ଗନୱାଡି କର୍ମୀ ସଂଘ ବୈଠକ

କାଲିମେଳା, ୨୫।୨ (ଜୀବନ କୃଷ୍ଣ ଦାସ )

ଅଲ ଓଡିଶା ଅଙ୍ଗନୱାଡି ମହିଳା କର୍ମୀ ସଂଗଠନ ପକ୍ଷରୁ କାଲିମେଳା ବ୍ଲକ ସଦର ମହକୁମା ଗୁରୁକୁଳ ବିଦ୍ୟାଳୟରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାନେତ୍ରୀ ମାଙ୍ଗଡି ମାଡକାମିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସଭାନେତ୍ରୀ ସୁମିତା ମହାପାତ୍ର ଯୋଗଦେଇ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଲକ୍ଷ୍ମୀ ମାଢ଼ି, ସମ୍ପାଦିକା ରେବା ବିଶ୍ୱାସ, କୋଷାଧ୍ୟକ୍ଷା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସବିତା ଦେଇ, ବ୍ଲକ ସମ୍ପାଦିକା ବୀଥିକା ବାଲାଙ୍କ ସମେତ ଶତାଧିକ ଅଙ୍ଗନୱାଡି କର୍ମୀ ଉପସ୍ଥିତ ଥିଲେ।

ଏହି ଅବସରରେ ରାଜ୍ୟ ସଭାନେତ୍ରୀ କହିଥିଲେ, ସଂଗଠନର ପ୍ରମୁଖ ଦାବି ଗୁଡିକ ରହିଛି। ସରକାର ଆମ ପାଇଁ କ'ଣ କରିଛନ୍ତି କିପରି ଆମେ ସଂଗଠନ ନିୟମରେ ଏକତ୍ରିତ ହୋଇ ରହିଲେ ସବୁ କାମ କରିବା ସମ୍ଭବ ହେବ। ସରକାର ଯଦି ଆମ ଦରମା ବୃଦ୍ଧି ନ କରନ୍ତି ତେବେ ଆମେ ଆସନ୍ତା ୨୯ ତାରିଖରେ ଭୁବନେଶରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବୁ ବୋଲି କହିଛନ୍ତି। ଏଥିସହ ଆଗାମୀ ନିର୍ବାଚନରେ ମଧ୍ୟ କର୍ମୀମାନେ ସହଯୋଗ କରିବେ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଆଗାମୀ ଦିନରେ ସଂଗଠନକୁ ସୁଦୃଢ କରିବା ପାଇଁ ସମସ୍ତେ ଏକତ୍ର ହୋଇ ରହିବା ସହିତ ସଂଗଠନର ବିଚାରକୁ ମାନି ଚଳିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।


ବୈଠକରେ ଯୋଗ ଦେଇଥିବା ଅଙ୍ଗନୱାଡି କର୍ମକର୍ତ୍ତା ।

# ଏମ୍‌ପିଙ୍କୁ ଡମ ସମାଜ ପକ୍ଷରୁ ଆଦିବାସୀ ମାନ୍ୟତା ନିମନ୍ତେ ଦାବିପତ୍ର

ମାଲକାନଗିରି, ୨୫।୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଶହୀଦ ନରସିଙ୍ଗ ଡମ ସମାଜ ତରଫରୁ ଆଦିବାସୀ ମାନ୍ୟତା ଦାବିନେଇ ସଭାପତି ବଳରାମ ଅନୁଗୁଳିଆଙ୍କ ନେତୃତ୍ୱରେ ୧୦୦ରୁ ଊର୍ଦ୍ଧ୍ୱ ଡମ ସମାଜ କର୍ମକର୍ତ୍ତା ବାଲିମେଳାରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମାଝି ଦାବିପତ୍ର ଗ୍ରହଣ କରିବା ପୂର୍ବରୁ ଡମ କେଉଁ ଆଧାରରେ ଆଦିବାସୀ ମାନ୍ୟତା ପାଇବାକୁ ଯୋଗ୍ୟ ଏ ନେଇ କେତେକ ତଥ୍ୟ ପ୍ରମାଣ ବିଷୟରେ ପ୍ରଶ୍ନ କରିଥିଲେ । ଏମ୍‌ପିଙ୍କ ପ୍ରଶ୍ନର ଉତ୍ତର ଡମ ସମାଜର ବରିଷ୍ଠ କର୍ମକର୍ତ୍ତାମାନେ ଦେଇଥିଲେ। ସେମାନେ କହିଥିଲେ, ୧୯୪୧ ଜନଜାତି ଜନଗଣନା ଅନୁଯାୟୀ ତତ୍କାଳୀନ କୋରାପୁଟ ଜିଲା ଡମ ଜନଜାତିର ଜନସଂଖ୍ୟା ୧,୦୩,୩୮ ରହିଥିଲା । ତତ୍କାଳୀନ କୋରାପୁଟ ଜିଲାର ୧୩ ଜନଜାତିଙ୍କ ମଧ୍ୟରୁ ଡମ ଜନଜାତି ତୃତୀୟ ସ୍ଥାନରେ ରହିଥିଲେ।


ଡମ୍ ସମାଜ ପକ୍ଷରୁ ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ଯେମିତି ଡମ ଜନଜାତି ଆଜି ରୀତିନୀତି ହେଉ, ଭାଷା ଓ ସଂସ୍କୃତି ଆଦି ନିଜର ସ୍ୱତନ୍ତ୍ର ସହ ଚଳି ଆସଛି। ଏଣୁ ଡମ ଜନଜାତିକୁ ତା'ର ପୂର୍ବ ଅଧିକାର ଯାହାକି ଜନଜାତିର ମାନ୍ୟତା ପ୍ରଦାନ କରାଯାଉ ବୋଲି କର୍ମକର୍ତ୍ତାମାନେ ଏମ୍‌ପି ମାଝିଙ୍କୁ ଅବଗତ କରାଇଥିଲେ। ଏମ୍‌ପି ଏ ବିଷୟରେ ପଦକ୍ଷେପ ନେବା ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ଏଥିସହିତ ନରସିଙ୍ଗ ଡମ ସମାଜର କୋର କମିଟି ସଦସ୍ୟ ସଭାପତି ବଳରାମ ଅନୁଗୁଳିଆ, ସନ୍ତୋଷ ନାଗ, ରାଜେନ୍ଦ୍ର କୁଲଦୀପ, ମଙ୍ଗଳା ପାଙ୍ଗି, ବସନ୍ତ ନାୟକ, କୋଟେଶ୍ୱର ପୋଟଲା, ଶଙ୍କର କ୍ଷିତି, ଅନୁପ ସୁନାନୀ, ସଦାନନ୍ଦ ଖରା, ମଦନ ଖୋସଲା, ଡାନିଏଲ ପଟଲାଙ୍କ ସମେତ ଡମ ସମାଜର କର୍ମକର୍ତ୍ତା ଏମ୍‌ପିଙ୍କୁ ଧନ୍ୟବାଦ ଦେଇଛନ୍ତି।

# ବେଆଇନ ଭାବେ ବିକ୍ରି ହେଉଛି ପାଣିପାଉଚ

**ରାୟଗଡ଼ା,୨୫।୨(ଆଶିଷ ରଞ୍ଜନ ପଣ୍ଡା)–**



ବଜାରରେ ମିଳୁଥିବା ପାଉଚପାଣିରେ ପ୍ୟାକେଜିଂ, ଏକ୍ସପାଏରି ତାରିଖ ଉଲ୍ଲେଖ ନାହିଁ।

■ ପାଣି ପ୍ୟାକେଜିଂ କମ୍ପାନୀର ହେଉନି ବିଆଇଏସ୍ ପରୀକ୍ଷଣ

■ ପ୍ରଶାସନ ପକ୍ଷରୁ ହେଉନି ପାଣିର ଶୁଦ୍ଧତା, ମାନ ପରୀକ୍ଷଣ

■ ପାଉଚ,ବୋତଲରେ ରହୁନି ପ୍ୟାକେଜିଂ ଏକ୍ସପାଏରି ତାରିଖ

ଖରାଦିନ ଯୋଗୁ ବଜାରରେ ପାଣି ବୋତଲ ଏବଂ ପାଉଚର ଚାହିଦା ବଢ଼ିବାରେ ଲାଗିଛି। ପ୍ରତ୍ୟେକ ଦୋକାନରେ ବିଭିନ୍ନ କମ୍ପାନୀର ପାଣିପାଉଚ ଓ ବୋତଲ ବିକ୍ରି ହେଉଛି । ଲୋକେ ପିଉଥିବା ଏହି ପାଣି ପାଉଚ ଓ ବୋତଲର ଜଳ କେତେ ବିଶୁଦ୍ଧ ତାହା କାହାରିକୁ ଜଣାନାହିଁ । ରାୟଗଡ଼ା ସହର ଓ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ପାଣି ପ୍ୟାକେଜିଂ କମ୍ପାନୀ ଖୋଲି ପାଣି ବୋତଲ ଓ ପାଉଚ୍ ବିକ୍ରି କରୁଛନ୍ତି । ହେଲେ ଏହାର ବିଶୁଦ୍ଧତା ନେଇ ପରୀକ୍ଷଣ ହେଉଛି କି ନାହିଁ ସେ ନେଇ ପ୍ରଶାସନ ପକ୍ଷରୁ କୌଣସି ଅଙ୍କୁଶ ରହୁନାହିଁ। ଫଳରେ କମ୍ପାନୀଗୁଡ଼ିକ ବିଶୁଦ୍ଧ ପାନୀୟ ଜଳ ନାଁରେ ଲୋକଙ୍କୁ ପିଏଚ୍‌ଡି କିମ୍ବା ବୋରୱେଲ ପାଣି ପ୍ୟାକେଜିଂ କରି ବିକ୍ରି କରି ମାଲାମାଲ ହେଉଛନ୍ତି । ଅନ୍ୟପଟେ ପଲିଥିନ୍ ବ୍ୟାନ ଘୋଷଣା ପରେ ମଧ୍ୟ ରାୟଗଡ଼ା ସଦର ମହକୁମା ସମେତ ଜିଲାର ପ୍ରାୟ ଅଞ୍ଚଳରେ ପାଣି ପାଉଚ ଖୋଲାଖୋଲି ଭାବେ ବିକ୍ରି ଚାଲିଛି ।

ପାଣି ପାଉଚ ଓ ବୋତଲ ପ୍ରସ୍ତୁତ ପାଇଁ କମ୍ପାନୀକୁ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ଼ (ବିଆଇଏସ)ରୁ ସ୍ୱୀକୃତିପ୍ରାପ୍ତ ନେବା ବାଧ୍ୟତାମୂଳକ ହେବା ସହ ସ୍ୱୀକୃତି ପ୍ରଦାନ ପୂର୍ବରୁ ବିଆଇଏସ୍ ଟିମ୍ ପ୍ରସ୍ତୁତକାରୀ ୟୁନିଟ୍ ପରିଦର୍ଶନ କରି ସେଠାରେ ଥିବା ପ୍ରକ୍ରିୟାକରଣ ବ୍ୟବସ୍ଥା ଯାଞ୍ଚ କରିବା ନିୟମ ରହିଛି । ଏହାପରେ ପ୍ରତି ୬ ମାସରେ ଥରେ ପ୍ରସ୍ତୁତକାରୀ କମ୍ପାନୀରୁ ପାଣି ଆଣି ଲାବୋରେଟୋରିରେ ପରୀକ୍ଷା କରାଯିବା କଥା । ଫଳରେ ନିୟମିତ ଭାବରେ ପାଣିର ଶୁଦ୍ଧତା ଓ ମାନ ନିରୂପଣ ହୋଇପାରିବ । ହେଲେ ଜିଲାରେ ଗଢ଼ି ଉଠିଥିବା ଅନେକ କମ୍ପାନୀ ପାଣିପାଉଚ ଖୁଲମଖୁଲା ବଜାରରେ ବିକ୍ରି କରୁଛନ୍ତି। ଉକ୍ତ ପାଣି ପାଉଚ୍‌ରେ କୌଣସି ପ୍ରକାର ପ୍ୟାକେଜିଂ ତାରିଖ ଓ ଏକ୍ସପାଏରି ତାରିଖ ଉଲ୍ଲେଖ କରାଯାଉନାହିଁ। ଏପରିକି ଉକ୍ତ ପାଣି ପାଉଚରେ ବ୍ୟାଚ ନମ୍ବର ମଧ୍ୟ ଲେଖା ଯାଉନାହିଁ । ଫଳରେ ଏହା କେଉଁ ସମୟରେ ତିଆରି ହୋଇଛି ତଦନ୍ତ ସମୟରେ ବ୍ୟାଚ ନମ୍ବରକୁ ଆଧାର କରି ଯାଞ୍ଚ କରିହେବ ନାହିଁ । ଏଭଳିକି କିଛି କମ୍ପାନୀ ବିଆଇଏସ୍ ଅନୁମତି ନେଇ ନ ଥିବା ଲୋକେ ଅଭିଯୋଗ କରିଛନ୍ତି । ଏହା ଉପରେ କୌଣସି ସରକାରୀ ଅଙ୍କୁଶ ଲାଗୁ ନ ଥିବାରୁ ବ୍ୟବସାୟୀମାନେ ମନଇଚ୍ଛା ଏଭଳି କମ୍ପାନୀ ଖୋଲି ମୋଟା ଅଙ୍କର ଅର୍ଥ ରୋଜଗାର କରୁଥିବା ଅଭିଯୋଗ ହେଉଛି। ଏଭଳିକି କିଛି ପାଣି ବୋତଲ ଓ ପାଉଚ ପାଣି ଉତ୍ପାଦନକାରୀ କମ୍ପାନୀ କ୍ଷୁଦ୍ର ଶିଳ୍ପ ନାମରେ ପଞ୍ଜୀକରଣ କରି ସରକାରଙ୍କଠାରୁ ସବସିଡ଼ି ପାଇ ମଧ୍ୟ ବିଆଇଏସ ଅନୁମତିପ୍ରାପ୍ତ କରିନାହାନ୍ତି ।

ପ୍ରକାଶ ଥାଉକି, ରାଜ୍ୟର ୧୦୦ରୁ ଊର୍ଦ୍ଧ୍ୱ ୟୁନିଟ୍ ବିଆଇଏସ ଅଧୀନରେ ରହିଛି। ତେବେ ଏଭଳି ବହୁ ୟୁନିଟ୍ ରହିଛନ୍ତି ଯେଉଁମାନେ ବିଆଇଏସ ସ୍ୱୀକୃତି ନ ପାଇ ନିଜର ବ୍ୟବସାୟ ଚଳାଇଛନ୍ତି । ଏନେଇ ପ୍ରଶାସନିକ ସ୍ତରରେ ସମସ୍ତ ପାଣି ପ୍ୟାକେଜିଂ କମ୍ପାନୀଗୁଡ଼ିକର ହିସାବ ରହୁ ନ ଥିବାରୁ ବେଆଇନ ଭାବେ ୟୁନିଟ୍ ବଢ଼ି ଚାଲିଛି । ଏଭଳି ୟୁନିଟ୍‌ଗୁଡ଼ିକ ନିଜ ଜମିରେ ଏକ ଛୋଟିଆ ଘର ନିର୍ମାଣ କରି ସେଠାରେ ବୋରୱେଲ ଖନନ କରି ସେହି ଜଳକୁ ସିଧାସଳଖ ପ୍ୟାକିଂ କରି ବଜାରକୁ ପଠାଉଥିବା ଅଭିଯୋଗ ହୋଇଛି । କିଛି ଛୋଟିଆ ୟୁନିଟ୍ ପିଏଚଡି ପାଇପ ପାଣିକୁ ପଲିଥିନ୍ ପ୍ୟାକ କରି ବଜାରରେ ପାଉଚ ଆକାରରେ ବିକ୍ରି କରୁଛନ୍ତି । ଏହିସବୁ କମ୍ପାନୀର ପାଣି ବୋତଲ ଓ ପାଉଚ ଶସ୍ତା ଦରରେ ବଜାରକୁ ଛଡ଼ା ଯାଉଥିବାରୁ ଅଧିକ ବ୍ୟବସାୟ ପାଇଁ ଦୋକାନୀମାନେ ବିକ୍ରି କରିବାରେ ଲାଗିଛନ୍ତି । ୫୦ ପ୍ରତିଶତ ଲାଭ ଦେଇ ନିଜର ବେଆଇନ ବ୍ୟବସାୟ ଚଳାଇଛନ୍ତି ଏହି ପାଣି ପ୍ରସ୍ତୁତକାରୀ ୟୁନିଟ୍। ତେଣୁ ଜିଲା ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ତ ପାଣି ପ୍ୟାକେଜିଂ କମ୍ପାନୀର ଯାଞ୍ଚ କରି ବେଆଇନ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି । ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ପଚାରିବାରୁ ପାଣି ପାଉଚ୍ ଏବଂ ପାଣିର ମାନକୁ ନେଇ ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯିବ ଏବଂ କୌଣସି ୟୁନିଟ୍‌ରେ ବେଆଇନ କାର୍ଯ୍ୟ ହେଉଥିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ଗୁଡାରିରେ ଉପଜିଲାପାଳଙ୍କ ନିର୍ବାଚନୀ ସମୀକ୍ଷା


ସମୀକ୍ଷା ବୈଠକରେ ଉପଜିଲାପାଳ ଆଲୋଚନା କରୁଛନ୍ତି।

**ଗୁଡାରି,୨୫।୨(ପ୍ରମୋଦ କୁମାର ପତି)**

ରାୟଗଡ଼ା ଜିଲା ଗୁଡାରି ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ଗୁଣପୁର ଉପଜିଲାପାଳ ସୁଶ୍ରୀ କିରଣଦୀପ କୌର ସାହୋଟା ଉପସ୍ଥିତ ରହି ନିର୍ବାଚନରେ ନିୟୋଜିତ ସେକ୍ଟର ଅଫିସରମାନଙ୍କୁ ନେଇ ସମୀକ୍ଷା ବୈଠକ କରିଥିଲେ। ମୁଖ୍ୟତଃ ନିର୍ବାଚନରେ ନିୟୋଜିତ ସେକ୍ଟର ଅଫିସରଙ୍କୁ ବ୍ଲକ କାର୍ଯ୍ୟାଳୟରୁ ମତଦାନ କେନ୍ଦ୍ରକୁ ଯାତାୟାତ ନିମନ୍ତେ ରୁଟ୍ ଚାର୍ଟ ଓ ସମସ୍ତ ବୁଥ୍‌ରେ ଆନୁଷଙ୍ଗିକ ବ୍ୟବସ୍ଥାର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ । ବୈଠକରେ ବ୍ଲକର ସମସ୍ତ ସେକ୍ଟର ଅଫିସର ଉପସ୍ଥିତ ଥିଲେ । ପରେ ଉପଜିଲାପାଳ କିରଣଦୀପ କଦମା ଗ୍ରାମପଞ୍ଚାୟତର କିଛି ବୁଥ୍ ପରିଦର୍ଶନ କରି ସେଠାରେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ।

## ପ୍ରେସ୍ ୟୁନିୟନର ବାର୍ଷିକ ଉତ୍ସବ


ବରିଷ୍ଠ ନାଗରିକ ବିନୋଦ ଚନ୍ଦ୍ର ପଣ୍ଡାଙ୍କୁ ପ୍ରେସ ୟୁନିୟନ୍ ପକ୍ଷରୁ ସମ୍ମାନିତ କରାଯାଉଛି ।

**ରାୟଗଡ଼ା,୨୫।୨(ଆଶିଷ ରଞ୍ଜନ ପଣ୍ଡା)**

ସମଗ୍ର ଦେଶରେ ଗଣମାଧ୍ୟମ ସ୍ଥିତି ଚିନ୍ତାଜନକ ରହିଛି ଓ ଖବରଦାତାମାନେ ସଂଗ୍ରାମ କରୁଛନ୍ତି। ତେବେ ବଡ଼ ସହର ଅପେକ୍ଷା ଜିଲା ଓ ବ୍ଲକସ୍ତରରେ ଖବରଦାତାମାନେ ଭଲ ସାମ୍ବାଦିକତା କରୁଛନ୍ତି। ରବିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ପ୍ରେସ୍ ୟୁନିୟନର ବାର୍ଷିକ ଉତ୍ସବ ସମାରୋହରେ ଏହା କହିଛନ୍ତି ଅତିଥି। ପ୍ରେସ ୟୁନିୟନ ସଭାପତି ମାଉଡି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ନବୀନ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଦିଲ୍ଲୀସ୍ଥିତ ବ୍ରହ୍ମାକୁମାରୀ ସଂସ୍ଥା ମିଡ଼ିଆ ସେଲ୍ ଜାତୀୟ ପ୍ରବକ୍ତା ସୁଶାନ୍ତ ଦେହୁରୀ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ଅଜୟ କୁମାର ତ୍ରିପାଠୀ ଯୋଗଦେଇଥିଲେ। ଅତିଥିମାନେ ବର୍ତ୍ତମାନ ଗଣମାଧ୍ୟମ ସ୍ଥିତି ସମ୍ପର୍କରେ ଆଲୋକପାତ କରିଥିଲେ। ତେବେ ଅନୁକୂଳ ଓ ପ୍ରତିକୂଳ ପରିସ୍ଥିତିରେ କାମ କରିବା ଜଣେ ସାମ୍ବାଦିକଙ୍କ ଆଭୂଷଣ ବୋଲି କହିଥିଲେ । ଏହି ଅବସରରେ ପ୍ରେସ ୟୁନିୟନ ସାଧାରଣ ସମ୍ପାଦକ ଶିବାଜୀ ଦାଶ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବରିଷ୍ଠ ନାଗରିକ କଲ୍ୟାଣ ସଂଘ ସଭାପତି ବିନୋଦ ଚନ୍ଦ୍ର ପଣ୍ଡା, ନିଷ୍ଠାର ସହିତ ଟ୍ରାଫିକ ନିୟନ୍ତ୍ରଣ କରୁଥିବା ଗୃହରକ୍ଷୀ ଅଶୋକ କୁମାର ପାଢ଼ୀ ଓ ଜରାଶ୍ରମ ପରିଚାଳନା କରୁଥିବା ଦମ୍ପତି ଗୁଣନିଧି ବାଉରି ଓ ଉଷାରାଣୀ ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ମକରନ୍ଦ ମୁଦୁଲି, ଶିକ୍ଷାବିତ ଦୁଷ୍ମନ୍ତ କୁମାର ମହାନ୍ତି, ପ୍ରସନ୍ନ ଗନ୍ତାୟତ, ଇମ୍ପା ଲୋକସମ୍ପର୍କ ଅଧିକାରୀ ଶକ୍ତି ପ୍ରସାଦ ପାଣିଗ୍ରାହୀ, ଜେକେ କାଗଜକଳ ଲୋକସମ୍ପର୍କ ଅଧିକାରୀ ମିଲନ ଲେଙ୍କା, ଜିଷ୍ଟ ନିର୍ଦ୍ଦେଶକ ଗୋବିନ୍ଦ ରଥ, ଆଇପିଓ ସବ୍ୟସାଚୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ୟୁନିୟନର ଉପସଭାପତି ରାଜୀବ ଲୋଚନ ପଣ୍ଡା, ଉପଦେଷ୍ଟା ସୁରେଶ ଦାସ, ବରିଷ୍ଠ ସଦସ୍ୟ ପରମାନନ୍ଦ ପ୍ରଧାନ, ପ୍ରେମେନ୍ଦ୍ର ପରିଚ୍ଛା, ପ୍ରସନ୍ନ ପଣ୍ଡା, ସର୍ବେଶ୍ୱର ରାଓ ପ୍ରମୁଖ ପରିଚାଳନା କରିଥିଲେ।

## ଏନ୍‌ଏସି ତାଲିକାରୁ ପଦ୍ମପୁର ବାଦ୍ ପଡ଼ିବାକୁ ନେଇ ଅସନ୍ତୋଷ

**ପଦ୍ମପୁର,୨୫।୨( ପ୍ରଶାନ୍ତ କୁମାର କର)**

ରାଜ୍ୟ ସରକାର ଶନିବାର ୩୪ଟି ନୂତନ ଏନ୍‌ଏସି ଘୋଷଣା କରିଥିବାବେଳେ ଦୀର୍ଘ ଦିନର ଦାବି ପରେ ପଦ୍ମପୁରକୁ ଏଥିରୁ ବାଦ୍ ଦିଆଯାଇଛି। ସମସ୍ତ ମାନଦଣ୍ଡ ଥାଇ ମଧ୍ୟ ପଦ୍ମପୁରକୁ ଏନ୍‌ଏସି ଘୋଷଣା କରାଯାଇ ନ ଥିବାରୁ ପଦ୍ମପୁର ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପଦ୍ମପୁରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା କରିବା ପାଇଁ ସ୍ଥାନୀୟ ଉନ୍ନୟନ ପରିଷଦ ପକ୍ଷରୁ ୨୦୧୭ ଅକ୍ଟୋବରରେ ଅଞ୍ଚଳବାସୀ, ବୁଦ୍ଧିଜୀବୀମାନଙ୍କୁ ନେଇ ପଦ୍ମପୁର ବନ୍ଦ ସହ ଧାରଣା ଧର୍ମଘଟ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀ, ନଗର ଉନ୍ନୟନ ମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରାଯିବା ସହ ୫-ଟି ଅଧ୍ୟକ୍ଷଙ୍କୁ ପଦ୍ମପୁର ଗସ୍ତ ସମୟରେ ଦରଖାସ୍ତ ପ୍ରଦାନ କରାଯାଇଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ରାଜ୍ୟ ସରକାର ୩୪ଟି ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଥିବା ବେଳେ ପଦ୍ମପୁର ଏଥିରୁ ବାଦ୍ ପଡିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସମଗ୍ର ରାୟଗଡ଼ା ଜିଲାରେ ପଦ୍ମପୁର ବିଜ୍ଞାପିତ ପରିଷଦ ପାଇଁ ହକ୍‌ଦାର ଥିଲେ ମଧ୍ୟ ବାଦ୍ ପଡିବା ଘଟଣାର ପ୍ରଭାବ ଆଗାମୀ ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ପଦ୍ମପୁର ବିକାଶ ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, କିଶୋର ପଣ୍ଡା, ପୂର୍ଣ୍ଣ ଦାସ, ରଘୁନନ୍ଦନ ପାଢ଼ୀ, ପୂର୍ଣ୍ଣ ଚନ୍ଦ୍ର ସାହୁ, ରାଜୀବ ଲୋଚନ ସାହୁ, ସତ୍ୟଜିତ ଗମାଙ୍ଗ, ଆଇନଜୀବୀ ସରୋଜ ପାଣିଗ୍ରାହୀଙ୍କ ସହ ଅଞ୍ଚଳବାସୀ କହିଛନ୍ତି।

## ବିଭିନ୍ନ ଦାବି ନେଇ ମନ୍ତ୍ରୀଙ୍କୁ ଭେଟିଲେ କଲ୍ୟାଣ ବିଭାଗ ଶିକ୍ଷକ ସଂଘ

**ରାୟଗଡ଼ା,୨୫।୨(ଆଶିଷ ରଞ୍ଜନ ପଣ୍ଡା)**


ଶିକ୍ଷକମାନେ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଭେଟି ସମସ୍ୟା ଜଣାଉଛନ୍ତି ।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଶିକ୍ଷକ ଓ ଶିକ୍ଷାନୁପରିଦର୍ଶକ ସଂଘ ପକ୍ଷରୁ ରାୟଗଡ଼ା ସର୍କିଟ ହାଉସଠାରେ ରବିବାର ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଭେଟି ବିଦ୍ୟାଳୟ ତଥା ବିଭାଗୀୟ ଶିକ୍ଷକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । ରାଜ୍ୟ ଉପସଭାପତି ଦୈତ୍ୟାରି ଦିଗଲଙ୍କ ସହ ରାୟଗଡା ଜିଲାର ବିଭାଗୀୟ ଶିକ୍ଷକଙ୍କ ଏକ ମିଳିତ ପ୍ରତିନିଧି ଦଳ ବିଭାଗୀୟ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ଭେଟି ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଲାଗି ଦାବି ଉପସ୍ଥାପନା କରିଥିଲେ । କ୍ୟାଡର ରୁଲ ଶୀଘ୍ର ଲାଗୁ କରିବା, ମେସ୍ ପରିଚାଳନା ଦାୟିତ୍ୱରୁ ଶିକ୍ଷକଙ୍କୁ ମୁକ୍ତ କରିବା, ବିଭାଗୀୟ ଶିକ୍ଷକଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ କରିବା, ସିସିଏଙ୍କ ଦରମା ବୃଦ୍ଧି, ନୂତନ ଶିକ୍ଷକ ନିଯୁକ୍ତି, ବିଭିନ୍ନ ସ୍ତରରେ ନୂତନ ପଦବୀ ସୃଷ୍ଟି , ହଷ୍ଟେଲଗୁଡିକରେ ଦେଖାଯାଉଥିବା ସମସ୍ୟାର ସମାଧାନ ଓ ଆଧୁନିକୀକରଣ କରିବା, ଶିକ୍ଷକମାନଙ୍କ ଭିତରେ ବିଭିନ୍ନ ପଦବୀ ଓ ଦରମାକୁ ନେଇ ଥିବା ଅସଙ୍ଗତି ଦୂରୀକରଣ, ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଶିକ୍ଷକ ସମ୍ମାନ ଓ ଶ୍ରେଷ୍ଠ ବିଦ୍ୟାଳୟ ସମ୍ମାନ ପ୍ରବର୍ତ୍ତନ କରିବା ଆଦି ନେଇ ଆଲୋଚନା କରାଯାଇଥିଲା। ଆଗାମୀ କ୍ୟାବିନେଟ ବୈଠକରେ ଏସବୁ ପ୍ରସଙ୍ଗଗୁଡିକ ପ୍ରତି ଗୁରୁତ୍ୱ ଦେଇ ସ୍ୱୀକୃତି କରିବା ଲାଗି ଶିକ୍ଷକମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗୀୟ ଶିକ୍ଷକଙ୍କ କ୍ୟାଡର ରୁଲ କାର୍ଯ୍ୟ ଚାଲିଛି ଏବଂ ଖୁବଶୀଘ୍ର ତାହା ଶେଷ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ଏଥିସହ ଅନ୍ୟାନ୍ୟ ପ୍ରସଙ୍ଗ ସମ୍ପର୍କରେ କମିଶନର ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ଉଚିତ ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ଏହି ପ୍ରତିନିଧି ଦଳରେ ବସନ୍ତ କୁମାର ପଣ୍ଡା, ଦେବାଶିଷ ସାମଲ, ତିରୁମୁଲା ବୋଦନା ଓ ଡ଼. ଦ୍ୱିତୀଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ ।

## ଗୃହ ନିର୍ମାଣରେ ଲାଗୁଛି କାଠ, ନଷ୍ଟ ହେଉଛି ଜଙ୍ଗଲ

**ଚନ୍ଦ୍ରପୁର, ୨୫।୨ (ବିଜୟ ପ୍ରସାଦ ଉଲାକା)**

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡ଼ା ସଦର ମହକୁମାରେ ଚାଲିଛି ବିଭିନ୍ନ ଉନ୍ନୟନମୂଳକ କାମ। ଏଥିସହିତ ବହୁ ଘରୋଇ ଲୋକ ମଧ୍ୟ ନିଜର କୋଠାବାଡ଼ି ନିର୍ମାଣ କରୁଛନ୍ତି। ନୂତନ ଗୃହର ସେଣ୍ଟ୍ରିଂ ପାଇଁ ଦିନ ଦ୍ୱିପହରରେ ଅବାଧରେ ସ୍ଥାନୀୟ ଜଙ୍ଗଲରୁ ବଡ଼ ବଡ଼ ଶାଳ ଗଛ ଗଣ୍ଡି କାଟି ଆଣି କାମରେ ବ୍ୟବହୃତ କରାଯାଉଛି। ଏଠାରେ ବନ ବିଭାଗର ଫରେଷ୍ଟ ସେକ୍ସନ କାର୍ଯ୍ୟାଳୟ ଥିଲେ ମଧ୍ୟ ବନ କର୍ମଚାରୀ ନିରବ ରହୁଛନ୍ତି। ବନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଚାରା ରୋପଣ କରାଯାଉଥିବା ବେଳେ ଅବାଧରେ ଜଙ୍ଗଲ ନଷ୍ଟ ହେବାରେ ଲାଗିଛି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଡାଙ୍ଗସୋରଡ଼ା ଫରେଷ୍ଟ ସେକ୍ସନର ବନପାଳ ଘାସି ମାଝିଙ୍କୁ ପଚାରିବାରୁ ଜଙ୍ଗଲରୁ ଗଛ କଟାଯାଇ ନିଆଯାଉଥିବା ଖବର ମୋ ନଜରକୁ ଆସିନାହିଁ ବୋଲି ସେ କହିଛନ୍ତି।

## ମାର୍କମା କଲେଜ ସାଇନ୍ସ ଲାବୋରେଟାରି ପାଇଁ ଭିତ୍ତିପ୍ରସ୍ତର

**ବିଷମ କଟକ, ୨୫।୨(ବିଭୂତି ଭୂଷଣ ନାୟକ)**

ବିଷମ କଟକ ବ୍ଲକସ୍ଥିତ ମା ମାର୍କମା ଯୁକ୍ତ ୩ ମହାବିଦ୍ୟାଳୟର ସାଇନ୍ସ ଲାବୋରେଟାରି ଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଭିତ୍ତିପ୍ରସ୍ତର ପକାଇଥିଲେ। ସମ୍ମାନିତ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର ଦାସ, ସ୍ଥାନୀୟ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟ ବିଜୟ ଶାନ୍ତି କୁମ୍ଭରୁକା, ଡି. ଶିବପ୍ରସଦା, ରବିନ୍ଦ୍ରନାଥ ପଣ୍ଡା ଯୋଗ ଦେଇଥିଲେ। ମା ମାର୍କମା ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ଜି.ମନ୍ମଥ ରାଓ, ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ସୁଦର୍ଶନ ରଥ , ଯୁକ୍ତ ୩ ଅଧ୍ୟକ୍ଷ ଡ଼ ଅଶ୍ୱିନୀ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଉଚ୍ଚ ଶିକ୍ଷା ବିଭାଗ ତରଫରୁ ୩୫ ଲକ୍ଷ ଓ କଲେଜର ୮ ଲକ୍ଷ ୭୫ ହଜାର ଟଙ୍କା ଅନୁଦାନରେ ଏହି ସାଇନ୍ସ ଲାବୋରେଟୋରି ନିର୍ମାଣ ହେବ। ଲେବରେଟାରି ନିର୍ମାଣ ନିମନ୍ତେ ଗୁରୁପୁର ସମନ୍ୱିତ ଆଦିବାସୀ ଉନ୍ନୟନ ବିଭାଗକୁ ଏହି କାର୍ଯ୍ୟ ହସ୍ତାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ୨୦୧୯ରେ ଏହି କଲେଜ ସ୍ଥାପନ ହୋଇଥିବାବେଳେ ଲାବୋରେଟାରି ନ ଥିବାରୁ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ ଉଚ୍ଚ ଜ୍ଞାନ କୌଶଳର ଶିକ୍ଷାରୁ ବଞ୍ଚିତ ହୋଇ ଆସୁଥିଲେ। ଖୁବଶୀଘ୍ର ସାଇନ୍ସ ଲ୍ୟାବ୍ ନିର୍ମାଣ ହେବା ନେଇ ଛାତ୍ରଛାତ୍ର ମହଲରେ ଉତ୍ସାହ ଦେଖାଦେଇଛି।



## ଶିକ୍ଷକ ଭବନ ଉଦ୍‌ଘାଟନ କଲେ ମନ୍ତ୍ରୀ

**ବିଷମ କଟକ, ୨୫।୨(ବିଭୂତି ଭୂଷଣ ନାୟକ)**

ବିଷମ କଟକ ବ୍ଲକର ସ୍ଥାନୀୟ ମିନି ଷ୍ଟାଡିୟମ ପାର୍ଶ୍ୱରେ ଥିବା ନୂତନ ଶିକ୍ଷକ ଭବନକୁ ଆଦିବାସୀ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଉଦ୍‌ଘାଟନ କରିଛନ୍ତି। ପରେ ଶିକ୍ଷକ ଭବନର ପ୍ରତିଷ୍ଠା ନିମନ୍ତେ ଆୟୋଜିତ ସତ୍ୟନାରାୟଣ ପୂଜାରେ ଯୋଗ ଦେଇ ମନ୍ତ୍ରୀ ସାରକା ପୂଜାର୍ଚ୍ଚନା କରିଥିଲେ ।ଏହା ପରେ ଶିକ୍ଷକ ଭବନର ସମ୍ମୁଖରେ ଶିକ୍ଷକଙ୍କ ଦ୍ୱାରା ଏକ ସାଧାରଣ ସଭା ଆୟୋଜିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସାରକା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର କୁମାର ଦାଶ ଏବଂ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଦସ୍ୟ ବିଜୟ ଶାନ୍ତି କୁମ୍ଭରୁକା, ସୁଜାତା କାଡ୍ରାକା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ସଦସ୍ୟ ଡମ୍ବରୁ ଚୌଧୁରୀ, ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ବଟକୃଷ୍ଣ ପଣ୍ଡା ଓ ବ୍ଲକ ଶିକ୍ଷକ ସଂଘର ସଭାପତି ଶରତ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ।

ପରେ ମନ୍ତ୍ରୀ ଝିଗିଡି ପଞ୍ଚାୟତର ପଣସପଦର ଓ ଥୁଆପାଢ଼ୀ ପଞ୍ଚାୟତର ପଣସପଦର-ବାଲିପଦର ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ପ୍ରାୟ ୫ କିମି ରାସ୍ତା ନିର୍ମାଣ ପାଇଁ ୩ କୋଟି ୫୦ଲକ୍ଷ ବ୍ୟୟ ଅଟକଳ ରଖାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଝିଗିଡି ସରପଞ୍ଚ ଅଜିତ ସାରକା, ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଯଦୁନାଥ ରଇତି ଉପସ୍ଥିତ ଥିଲେ। ବର୍ଷା ଋତୁ ପୂର୍ବରୁ ଉକ୍ତ ରାସ୍ତା କାମ ସାରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ବନ ସୁରକ୍ଷା ସଚେତନତା ସାଇକେଲ ରାଲି

**ଟିକିରି,୨୫।୨
(ପ୍ରଫୁଲ୍ଲ କୁମାର ବେହେରା)**

କାଶୀପୁର ବ୍ଲକ ବନଖଣ୍ଡ ଅନ୍ତର୍ଗତ ମାଣ୍ଡିବିଶି ଓ ଗଡିବାଲି ପଞ୍ଚାୟତର ଲୋକଙ୍କୁ ନେଇଁ ମାଣ୍ଡିବିଶିଠାରେ ବନ ସୁରକ୍ଷା ଆମରି ରକ୍ଷା ତଥା ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାଶୀପୁର ବନାଞ୍ଚଳ ଅଧିକାରୀ ଅନ୍ତର୍ଯ୍ୟାମୀ ସାହୁ ପରିବେଶର ମହତ୍ୱ ଏବଂ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ଓ ଜଙ୍ଗଲ ସୁରକ୍ଷାରେ ନାଗରିକତା ଦାୟିତ୍ୱ ବିଷୟରେ ବାର୍ତ୍ତା ଦେଇଥିଲେ। ଅଞ୍ଚଳବାସୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏକ ସାଇକେଲ ରାଲି କରାଯାଇଥିଲା। ଏହି ରାଲିରେ ମାଣ୍ଡିବିଶି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଏବଂ ଅଞ୍ଚଳର ଯୁବକମାନେ ଭାଗ ନେଇ ମାଣ୍ଡିବିଶିଠାରୁ ଜେରୋକା ଗ୍ରାମ ପର୍ଯ୍ୟନ୍ତ ସାଇକେଲରେ ଯିବା ସହ ବିଭିନ୍ନ ସଚେତନତା ବାର୍ତ୍ତା ଦେଇଥିଲେ। କାଶୀପୁର ବନ ବିଭାଗ କାର୍ଯ୍ୟକ୍ରମ ଆୟୋଜନ କରିଥିବା ବେଳେ ମାଣ୍ଡିବିଶି ଫରେଷ୍ଟର ବଳରାମ କାଡ୍ରାକା, ଗାର୍ଡ ବିକାଶ ବାଘ, କିଲୋରୀ ତ୍ରିପତି ଏବଂ ଜଙ୍ଗଲ ଅଗ୍ନି ସୁରକ୍ଷା ଦଳର କର୍ମଚାରୀମାନେ ଦାୟିତ୍ୱ ତୁଲାଇ ଥିଲେ। ଏହି ପରିପ୍ରେକ୍ଷୀରେ ଉଭୟ ପଞ୍ଚାୟତର ସରପଞ୍ଚ, ମାଣ୍ଡିବିଶି ଓ ଗୋଡିବାଲି, ମିଟକେଶର ୭୯ ଜଣ ବନ ସଂରକ୍ଷଣ ସଭ୍ୟ ଓ ସଭାପତି, ଶିକ୍ଷକ ଓ ଛାତ୍ରୀଛାତ୍ର ଏବଂ ଅଞ୍ଚଳବାସୀ ଯୋଗ କରିଥିଲେ।



ବନ ବିଭାଗ ଅଧିକାରୀ ପତାକା ଦେଖାଇ ସାଇକେଲ ରାଲିର ଶୁଭାରମ୍ଭ କରୁଛନ୍ତି।

## ରାୟଗଡ଼ା ଜିଲାରେ ୧୬୫୦ ସମ୍ମାନିତ

**ରାୟଗଡ଼ା,୨୫।୨(ଆଶିଷ ରଞ୍ଜନ ପଣ୍ଡା)**



ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଓ ନବୀନ ଓଡ଼ିଶା ଜିଲା ସଂଯୋଜକ ପ୍ରଧାନଶିକ୍ଷକଙ୍କୁ ପୁରସ୍କୃତ କରୁଛନ୍ତି।

ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ଜିସିଡ଼ି ପଡ଼ିଆଠାରେ ରବିବାର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନା ଅନ୍ତର୍ଗତ ଜିଲାସ୍ତରୀୟ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ରଇତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ମୁଖ୍ୟମନ୍ତ୍ରୀ ୫-ଟି ରୂପାନ୍ତରିତ ସ୍କୁଲ ଓ ଅନ୍ୟ ସ୍କୁଲମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାର ଶୁଭାରମ୍ଭ କରିଛନ୍ତି ଏବଂ ଶିକ୍ଷାର ଉତ୍କର୍ଷ ପାଇଁ ବର୍ଷକୁ ଶହେ କୋଟି ଟଙ୍କାର ଘୋଷଣା କରାଯାଇଛି ବୋଲି ମନ୍ତ୍ରୀ ସାରକା ନିଜ ଅଭିଭାଷଣରେ କହିଥିଲେ । ଏଥିରେ ବ୍ଲକ, ଜିଲା ଓ ରାଜ୍ୟସ୍ତରରେ ୫୦ ହଜାର ଛାତ୍ରୀଛାତ୍ର, ୧୫ଶହ ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟତ୍ରୀ, ସ୍କୁଲ ପରିଚାଳନା କମିଟି, ସରପଞ୍ଚ ଓ ପୁରାତନ ଛାତ୍ରୀଛାତ୍ରଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବା ପାଇଁ ସ୍ଥିରୀକୃତ ହୋଇଥିବା ମନ୍ତ୍ରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଆମ ଓଡିଶା ନବୀନ ଓଡିଶା ଜିଲା ସଂଯୋଜକ ପି.ଗୌରୀ ଶଙ୍କର ରାଓ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲାସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ୧୬୫୦ଟି ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ଜିଲ୍ଲା ସ୍ତରରେ ଦଶମ ଶ୍ରେଣୀ ପରୀକ୍ଷାରେ ଶ୍ରେଷ୍ଠ ମାର୍କ ରଖିଥିବା ୭୭ ଜଣ ଉତ୍ତମ ଛାତ୍ରଙ୍କୁ ଛାତ୍ର ନେତୃତ୍ୱ ଆୱାର୍ଡ ଭାବେ ପୁରସ୍କୃତ କରାଯାଇଥିବାବେଳେ ବ୍ଲକସ୍ତରରେ ୧୧୧୨ଜଣଙ୍କୁ ପୁରସ୍କୃତ କରାଯାଇଛି।

### ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ପୁରସ୍କାର ବିତରଣ ଉତ୍ସବ

ସେହିପରି ଶ୍ରେଷ୍ଠ ଛାତ୍ର ନେତୃତ୍ୱ ଆୱାର୍ଡରେ ୩୫୨ଜଣଙ୍କୁ, ଶ୍ରେଷ୍ଠ ପ୍ରାଥମିକ ବିଦ୍ୟାଳୟ ଭାବେ ୨୯ଟି ବିଦ୍ୟାଳୟ, ଶ୍ରେଷ୍ଠ ମାଧ୍ୟମିକ ବିଦ୍ୟାଳୟ ଭାବେ ୩୨ଟି ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିବା ବେଳେ ୪ଟି ଶ୍ରେଷ୍ଠ ଗ୍ରାମ ପଞ୍ଚାୟତକୁ ମଧ୍ୟ ପୁରସ୍କୃତ କରାଯାଇଛି। ସେହିପରି ଶ୍ରେଷ୍ଠ ମାଧ୍ୟମିକ ବିଦ୍ୟାଳୟ ଆୱାର୍ଡରେ ୧୧ଜଣ ପ୍ରଧାନ ଶିକ୍ଷକଙ୍କୁ ପୁରସ୍କୃତ କରାଯାଇଛି। ବ୍ଲକସ୍ତରରେ ଶ୍ରେଷ୍ଠ ୧୧ଜଣ ପୁରାତନ ଛାତ୍ରଙ୍କୁ ଏବଂ ଶ୍ରେଷ୍ଠ ଶିକ୍ଷକ ଭାବେ ୧୧ଜଣ ଶିକ୍ଷକଙ୍କୁ ଏବଂ ୧୧ଟି ସ୍କୁଲ ପରିଚାଳନା କମିଟିକୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଜିଲା ଶିକ୍ଷାଧିକାରୀ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ, ପୁରାତନ ଛାତ୍ରୀଛାତ୍ର ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ ।

